## ଏନ୍‌ସିସି କ୍ୟାଡେଟ୍ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ରାଉରକେଲା ଅଫିସ:** ସେକ୍ଟର- ୪ ସ୍ଥିତ ପଦ୍ମନାଭ ଲେଡିଜ ହଷ୍ଟେଲ ପରିସରରେ ରାଉରକେଲା ବେସାମରିକ ପ୍ରତିରକ୍ଷା ବାହିନୀ ପକ୍ଷରୁ ନବମ ବାଟାଲିୟନ କମାଣ୍ଡାଣ୍ଟ ଅଫିସର ରମେଶ ସାରିୟଲଙ୍କ ଅଧ୍ୟକ୍ଷତାରେ ଏକ ପ୍ରଶିକ୍ଷଣ ଶିବିର ବୁଧବାର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ଯୋଗ ଦେଇଥିବା ସମର ଶିକ୍ଷାର୍ଥୀ ବାହିନୀର କ୍ୟାଡେଟ୍‌ମାନଙ୍କୁ ପ୍ରାଥମିକ ଚିକିତ୍ସା, ଜରୁରୀକାଳୀନ ରେସ୍କ୍ୟୁ ମେଥଡ, ବିଜୁଳି ମାରିଲେ କିଭଳି ପୋଜିସନ୍ ନେବେ, ଶରୀର ପଲ୍ସ ଚେକ୍ କରିବା ଭଳି ପ୍ରଶିକ୍ଷଣମାନ ପ୍ରଦାନ କରାଯାଇଥିଲା। ସ୍ୱେଚ୍ଛାସେବୀ ଶୁଭେନ୍ଦୁ ପଣ୍ଡା ପ୍ରଶିକ୍ଷଣ ଦେଇଥିଲେ।

# ଦାବି ପୂରଣ ନେଇ ଅମଲା ସଂଘର ବିକ୍ଷୋଭ

ସୁନ୍ଦରଗଡ଼, ୧୬।୧୧(ଡି.ଏନ.ଏ.)



ଅମଲା ସଂଘ ସୁନ୍ଦରଗଡ ଜିଲା ଶାଖା ପକ୍ଷରୁ ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ କରାଯାଉଛି।

ଓଡିଶା ଅମଲା ସଂଘ ସୁନ୍ଦରଗଡ ଜିଲା ଶାଖା ପକ୍ଷରୁ ବୁଧବାର ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା। ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ଆଧାରରେ ଗ୍ରେଡ ପେ ୪୨୦୦ଟଙ୍କା ପ୍ରଦାନ ଆଦି ଦାବି ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସୁନ୍ଦରଗଡ଼ ଶାଖାର ସମ୍ପାଦକ ପ୍ରଭାତ କୁମାର ମିଶ୍ରଙ୍କ ନେତୃତ୍ୱରେ ସଂଘମତ ନିର୍ବିଶେଷରେ ସବୁ ଅମଲା ଏକତ୍ରିତ ହୋଇ ନିଜର ନ୍ୟାର୍ଯ୍ୟ ଦାବି ପାଇଁ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏହି ଦାବିପତ୍ର ପ୍ରଦାନ ବେଳେ ଜିଲାର ସମସ୍ତ ବିଭାଗର ଶତାଧିକ ଅମଲା

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ଯୋଗ ଦେଇଥିଲେ। ଉଚ୍ଚତର ଶିକ୍ଷାଗତ ଯୋଗ୍ୟତା ଥାଇ ମଧ୍ୟ ଚାକିରୀରେ ଦେୟ ବୃଦ୍ଧି ନ ଥିବା,ଅଧିକ ଗ୍ରେଡରେ ଅନୁଦାନ ପ୍ରଦାନ ନ କରିବା ସହିତ ଅନ୍ୟାନ୍ୟ ଦାବି ଗୁଡିକ ଉପରେ ବାରମ୍ବାର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ସୁଦ୍ଧା କୌଣସି ସୁଫଳ ମିଳୁ ନାହିଁ। ଏହାକୁ ନେଇ ଆସନ୍ତା ୨୭ରେ ହେବାକୁ ଥିବା ଭୁବନେଶ୍ୱର ସମାବେଶରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଥିଲା। ଏଥିରେ ଚନ୍ଦ୍ରମଣି ମିଶ୍ର, ଶିଶିର ନାଏକ, ପ୍ରଦୀପ ପୁରୋହିତ, ଜ୍ୟୋତ୍ସ୍ନା ମହାପାତ୍ର, ସବିତା ବେହେରା, ପ୍ରଦୀପ୍ତ ମହାନ୍ତି, ମନମୋହନ ପଟ୍ଟନାୟକ, ପ୍ରଦୀପ ବହିଦାର, କୌତୁକ ମେହେର ପ୍ରମୁଖ ଏହି ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ଇପିଏଫ୍ ପେନଶନର୍ସ ସଂଘର ବିକ୍ଷୋଭ ପ୍ରଦର୍ଶନ

ରାଉରକେଲା ଅଫିସ,୧୬।୧୧

ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବିକୁ ନେଇ ଓଡିଶା ଇପିଏଫ ପେନ୍‌ଶନର୍ସ ସଂଘ ପକ୍ଷରୁ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ବିକ୍ଷୋଭରେ ସଂଘର ଶତାଧିକ କର୍ମକର୍ତ୍ତା ଉପସ୍ଥିତ ରହି ସମସ୍ତ ଇପିଏଫ୍ ପେନଶନ ଭୋଗୀ ବରିଷ୍ଠ ନାଗରିକମାନଙ୍କୁ ନିଃଶୁଳ୍କ ଚିକିତ୍ସା ସୁବିଧା ସହ ସର୍ବନିମ୍ନ ମାସିକ ୯ ହଜାର ଟଙ୍କା ମହଙ୍ଗା ଭତ୍ତା ପ୍ରଦାନ କରିବା ଲାଗି ଦାବି କରିଥିଲେ। ଏ ନେଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଦାବି ଆଗାମୀ ଦିନରେ ପୂରଣ କରା ନ ଗଲେ ସାରା ଦେଶରେ ୭୦ ଲକ୍ଷ ଇପିଏଫ୍ ପେନଶନ ଭୋଗୀ ବରିଷ୍ଠ ନାଗରିକ ଆନ୍ଦୋଳନକୁ ଆହୁରି ତୀବ୍ର କରିବେ ବୋଲି ଚେତାବନୀ ଦେଇଛନ୍ତି । ଏହି ବିକ୍ଷୋଭରେ ସଂଘର ବରିଷ୍ଠ ସଦସ୍ୟ ସନ୍ତୋଷ କୁମାର ମହାପାତ୍ର, ପୂର୍ଣ୍ଣେନ୍ଦୁ କୁମାର ପାଢ଼ୀ, ତାରାଚାନ୍ଦ ପଟ୍ଟନାୟକ, ଗୋଲକ ବିହାରୀ ଦେବତା, ପ୍ରସନ୍ନ କୁମାର ପାଣି, ଉଦୟ ନାଥ ବେହେରା, ଯଶୋବନ୍ତ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିଜୟ କୃଷ୍ଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com


@ ଗତି


@ କଲ୍ୟାଣୀ


@ ନିଶିକାନ୍ତ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ସ୍ଥାୟୀ ନିଯୁକ୍ତି ଦାବିରେ ଆଉଟସୋର୍ସିଂ କର୍ମଚାରୀଙ୍କ କଳାବ୍ୟାଚ୍ ପରିଧାନ

**ଦେବଗଡ଼, ୧୬।୧୧(ଡି.ଏନ.ଏ.):** ରାଜ୍ୟ ସରକାର ଆଉଟସୋର୍ସିଂ କର୍ମଚାରୀମାନଙ୍କ ନିଯୁକ୍ତିକୁ ନିୟମିତ କରିବା ସହ ସ୍ଥାୟୀ କର୍ମଚାରୀ ମାନ୍ୟତା ପ୍ରଦାନ ଦାବିରେ ଦେବଗଡ଼ ଜିଲା ଆଉଟସୋର୍ସିଂ କର୍ମଚାରୀ ସଂଘ ପକ୍ଷରୁ କଳାବ୍ୟାଜ୍ ପରିଧାନ କରାଯାଇଛି। ସଂଘର ଦେବଗଡ଼ ଜିଲା ସଭାପତି ହେମନ୍ତ କୁମାର ନାୟକ ଓ ସମ୍ପାଦକ ଦିବ୍ୟଶଙ୍କର ଗିରିଙ୍କ ନେତୃତ୍ୱରେ ଜିଲା ସଦର ମହକୁମା ସମେତ ଜିଲାର ତିଲେଇବଣି, ରିଆମାଳ ଓ ବାରକୋଟ ବ୍ଲକର ୨୭ଟି ବିଭାଗରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀମାନେ କଳାବ୍ୟାଜ ପରିଧାନ କରି ନିଜ କାର୍ଯ୍ୟାଳୟରେ ଦାୟିତ୍ୱ ତୁଲାଇଥିବା ଜଣାପଡିଛି। ସଂଘ ପକ୍ଷରୁ ବାରମ୍ବାର ଦାବି ସତ୍ତ୍ୱେ କର୍ମଚାରୀମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ କରାଯାଉ ନ ଥିବାରୁ ଏହାର ପ୍ରତିବାଦରେ ସେମାନେ କଳାବ୍ୟାଜ ପରିଧାନ କରି କାର୍ଯ୍ୟ କରୁଥିବା ସଂଘ ପକ୍ଷରୁ କୁହାଯାଇଛି।

### ବୀର ବୀର୍ସା ମୁଣ୍ଡା ଜୟନ୍ତୀ

**ଦେବଗଡ଼, ୧୬।୧୧ (ଡି.ଏନ.ଏ.):** ଦେବଗଡ ଜିଲା ଆଦିବାସୀ ମହାସଂଘ ପକ୍ଷରୁ ସ୍ଥାନୀୟ ନୀଳବେର୍ଣ୍ଣି ସାହି ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥ ବାଇପାସ ଛକଠାରେ ବୀର ବୀର୍ସା ମୁଣ୍ଡାଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ମହାସଂଘର ସଭାପତି ସେମ ହେମ୍ବ୍ରମଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲଣ୍ଡା ଗ୍ରାମ ପଞ୍ଚାୟତ ସରପଞ୍ଚ ସସ୍ମିତା ଲୁଗୁନ, ନାଏବ ସରପଞ୍ଚ ଅଲେଖ ନାୟକ, ଦେବଗଡ ପୌର ପରିଷଦ ୯ ନମ୍ବର ୱାର୍ଡ କାଉନସିଲର ସରୋଜିନୀ ମୁଣ୍ଡା, ମିନତୀ ନାୟକ, ପାଓ୍ୱଲ ଟାଓନ, ରାଜେଶ ସୁରିନ, ଆସେର ବାର୍ଲା, ରାଜେଶ ବାର୍ଲା ଓ ଶାନ୍ତନୁ ଆଇନ୍ଦଙ୍କ ସମେତ ଆଦିବାସୀ ମହାସଂଘର ବହୁ ସଦସ୍ୟ ଓ ସଦସ୍ୟା ଓ କର୍ମକର୍ତ୍ତା ବୀର ବିର୍ସାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କର ଜୀବନୀ ଉପରେ ଆଲୋକପାତ କରିଥିଲେ ।

# ବ୍ୟାଙ୍କ ଆକାଉଣ୍ଟରୁ ୬ଲକ୍ଷ ଟଙ୍କା ଗାୟବ

ଦେବଗଡ଼,୧୬।୧୧(ଡି.ଏନ.ଏ.)

### ସାଇବର ଠକଙ୍କ ଜାଲରେ ପଡିଲେ ସମ୍ବଲପୁର ଜଳସମ୍ପଦ ବିଭାଗ ଉପନିର୍ଦ୍ଦେଶକ

ଦେବଗଡ଼ ବନ୍ଧୁ ଘରକୁ ଆସିଥିବାବେଳେ ସମ୍ବଲପୁର ଜଳସମ୍ପଦ ବିଭାଗ ଉପ ନିର୍ଦ୍ଦେଶକ ଅଶୋକ କୁମାର ମହାପାତ୍ରଙ୍କ ଏସ୍‌ବିଆଇ ଆକାଉଣ୍ଟରୁ କୌଣସି ଜଣେ ଠକ ଚଞ୍ଚକତା ପୂର୍ବକ ପ୍ରାୟ ୬ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଦେବଗଡ ଆଦର୍ଶ ଥାନା ପୋଲିସ ଏକ ଠକେଇ ଏବଂ ସୂଚନା ଓ ବୈଷୟିକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି । ସୂଚନା ଅନୁଯାୟୀ ସମ୍ବଲପୁର ଜଳସମ୍ପଦ ବିଭାଗରେ ଉପ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଅଶୋକ କୁମାର ମହାପାତ୍ର ଗତ ୧୧ ତାରିଖ ଦେବଗଡ ପୌରାଞ୍ଚଳ ରଙ୍ଗିଆଗୁଡାରେ ରହୁଥିବା ସୁବ୍ରତ କୁମାର ସାହୁ ନାମକ ତାଙ୍କର ଜଣେ ବନ୍ଧୁଙ୍କ ଘରକୁ ଆସିଥିଲେ । ଏହା ପର ଦିନ ଅର୍ଥାତ ୧୨ ତାରିଖ ଅପରାହ୍ଣ ପ୍ରାୟ ୩ଟାରେ ତାଙ୍କର ମୋବାଇଲକୁ କେହି ଜଣେ ଅଜଣା ବ୍ୟକ୍ତି ଏକ ମୋବଇଲ ନଂ.ରୁ ଏକ ମ୍ୟାସେଜ କରି ତାଙ୍କର (ମହାପାତ୍ରଙ୍କ) ଏସବିଆଇ ଆକାଉଣ୍ଟର ୟୋନୋ ବନ୍ଦ ହୋଇଯାଇଥିବା ଦର୍ଶାଇବା ସହ ଏହାକୁ ପୁଣିଥରେ ସଚଳ କରିବା ପାଇଁ ପାନକାର୍ଡ ଅପଡେଟ କରିବାକୁ କହିଥିଲେ। ଏଥିସହ ଏକ ଲିଙ୍କ ଦେଇ ତହିଁରେ ପାନକାର୍ଡକୁ ସଂଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଫଳରେ ମହାପାତ୍ର ଉକ୍ତ ଲିଙ୍କ ଖୋଲି ନିଜର ପାନକାର୍ଡ, ଆଧାର ନମ୍ବର ଏବଂ ମୋବାଇଲ ନମ୍ବର ଦାଖଲ କରିବା ସହ ନିଜର ୟୁଜର ଆଇଡି ଏବଂ ପାସୱାର୍ଡ ମଧ୍ୟ ସେୟାର କରିଥିଲେ। ଏହାପରେ ତାଙ୍କର ମୋବାଇଲକୁ ଏକ ଓଟିପି ଆସିଥିଲା ଓ ସେ ଏହି ଓଟିପି ନମ୍ବରକୁ ମଧ୍ୟ ଉକ୍ତ ସାଇଟରେ ଅପଲୋଡ କରିଥିଲେ। କିଛି ସମୟ ପରେ କ୍ରମାନ୍ୱୟରେ ତାଙ୍କର ବ୍ୟାଙ୍କ ଆକାଉଣ୍ଟରୁ ୩ଟି ପର୍ଯ୍ୟାୟରେ ମୋଟ ୫ଲକ୍ଷ ୯୭ ହଜାର ୯୯୯ ଟଙ୍କାରେ ଫ୍ଲିପକାର୍ଟରୁ ସପିଂ କରାଯାଇଥିବା ନେଇ ତାଙ୍କ ମୋବାଇଲକୁ ମ୍ୟାସେଜ ଆସିଥିଲା। ଏହା ଜାଣିବାପରେ ଜଳସମ୍ପଦ ବିଭାଗ ଉପ ନିର୍ଦ୍ଦେଶକ ମହାପାତ୍ର ଆଶ୍ଚର୍ଯ୍ୟ ହୋଇପଡିଥିଲେ। ଏହା ପରେ ତାଙ୍କ ନିକଟକୁ ଏକ ଫୋନ କଲ ଆସିଥିଲା। ଉକ୍ତ ଟ୍ରାନଜେକ୍ସନ ବାବଦରେ ତାଙ୍କୁ ପଚରା ଯାଇଥିଲା। ଫଳରେ ସେ ଏ ସମ୍ପର୍କରେ ଦେବଗଡ ଅଦର୍ଶ ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଦେବଗଡ ଆଦର୍ଶ ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ୨ଜଣଙ୍କ ମୃତଦେହ ଉଦ୍ଧାର

ଦେବଗଡ଼,୧୬।୧୧(ଡି.ଏନ.ଏ.)

ଦେବଗଡ଼ ଆଦର୍ଶ ଥାନା ଅଞ୍ଚଳର ଦୁଇଟି ପୃଥକ ସ୍ଥାନରୁ ଦୁଇଜଣଙ୍କର ମୃତଦେହ ଉଦ୍ଧାର କରାଯାଇଛି। ତେବେ କେଉଁ ପରିସ୍ଥିତିରେ ସେମାନଙ୍କର ମୃତ୍ୟୁ ଘଟିଛି ତାହା ସ୍ପଷ୍ଟ ଭାବେ ଜଣାପଡିନାହିଁ। ଏନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଖବର ମୁତାବକ ଦେବଗଡ଼ ଥାନା ଅନ୍ତର୍ଗତ ବିଜୟନଗର ଓ କାଉଁଶିବାହାଲ ଗ୍ରାମ ମଝିରେ ଥିବା ୪୯ନମ୍ବର ଜାତୀୟ ରାଜପଥ କଡରୁ ଏକ ଧାନବିଲରେ ଜଣେ ବ୍ୟକ୍ତିଙ୍କର ମୃତଦେହ ପଡିଥିବା କେତେକ ଗ୍ରାମବାସୀ ଦେଖିବାକୁ ପାଇଥିଲେ। ମୃତବ୍ୟକ୍ତି ଜଣକ ବିଜୟନଗର ଗ୍ରାମର ବୁଧୁରାମ ମାଝୀ(୬୦) ବୋଲି ଜଣାପଡିବା ପରେ ଏନେଇ ପରିବାର ଲୋକେ ପୋଲିସକୁ ସୂଚନା ଦେଇଥିଲେ। ଫଳରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବୁଧୁରାମ ଗତ ସୋମବାର ସନ୍ଧ୍ୟାରୁ ନିଖୋଜ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ହେଁ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଅନୁରୂପ ଭାବେ ଦେବଗଡ଼ ଥାନା କଣ୍ଟାପାଲି ଗ୍ରାମ ପଞ୍ଚାୟତର ବୈଷ୍ଣବପାଲି ଗାଁ ପୋଖରୀରେ ଉକ୍ତ ଗ୍ରାମର ନଗେନ ମୁଣ୍ଡା ନାମକ ଜଣେ ଯୁବକଙ୍କ ମୃତଦେହ ଭାସୁଥିବା ଦେଖି କେତେକ ଗ୍ରାମବାସୀ ତାଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ପରିବାର ଲୋକେ ଦେବଗଡ ଥାନା ପୋଲିସକୁ ସୂଚନା ଦେବାରୁ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବାସହ ଘଟଣା ସ୍ଥଳରେ ପହଞ୍ଚି ପୋଖରୀରୁ ମୃତଦେହ ଉଦ୍ଧାର କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ସୁନ୍ଦରଗଡ ପବ୍ଲିକ ସ୍କୁଲ ଛାତ୍ରଙ୍କ ପ୍ରକଳ୍ପ ଜାତୀୟସ୍ତରକୁ ମନୋନୀତ



ସୁନ୍ଦରଗଡ,୧୬।୧୧(ଡି.ଏନ.ଏ.)

ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୨''ରେ ଭାଗ ନେଇଥିବା ସୁନ୍ଦରଗଡ଼ ପବ୍ଲିକ ସ୍କୁଲ ଛାତ୍ର (ଶିଶୁ ବୈଜ୍ଞାନିକ)ଓମ ପରିଡାଙ୍କ ପ୍ରକଳ୍ପ ଶ୍ରେଷ୍ଠ ୧୦ ବିଜ୍ଞାନ ପ୍ରକଳ୍ପ ମଧ୍ୟରେ ସ୍ଥାନ ପାଇଥିଲା। ଓମଙ୍କର ପ୍ରକଳ୍ପଟିକୁ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ଦେଖି ପ୍ରଶଂସା କରିଥିଲେ। ଏହି ସୁରଭି କାର୍ଯ୍ୟକ୍ରମରେ ଓଡ଼ିଶାର ୩୦ଟି ଜିଲାରୁ ୨୫୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହିପରି ବିଜ୍ଞାନ ପ୍ରକଳ୍ପରେ ଜାତୀୟ ସ୍ତରୀୟ ଏବଂ ଇନ ସ ପାୟାର ଶ୍ରେଷ୍ଠ ୧୦ଟି ସ୍ଥାନ ପାଇଥିଲା। ସମସ୍ତ ପିଲାମାନଙ୍କୁ ଡାଇରେକ୍ଟର ଡିଏସଇ ଟ୍ରଫି ପ୍ରଦାନ କରିଥିଲେ। ଓମଙ୍କ ପ୍ରକଳ୍ପଟି ବିଦ୍ୟାଳୟର ଶିକ୍ଷକ ଅଶୋକ କୁମାର ପରିଡାଙ୍କ ତତ୍ତ୍ୱାବଧାନରେ ହୋଇଥିଲା।

## ଆଳୁ ଗୋଦାମରୁ ୧୯ଲକ୍ଷ ଚୋରି

**ଝାରସୁଗୁଡ଼ା ଅଫିସ,୧୬।୧୧:** ଝାରସୁଗୁଡ଼ା ସହର ଧର୍ମଶାଳା ଛକରେ ଥିବା ଏକ ଆଳୁ ଗୋଦାମରୁ ଦୁର୍ବୃତ୍ତମାନେ ଶଟର ଭାଙ୍ଗି ନଗଦ ୧୯ ଲକ୍ଷ ୮୦ ହଜାର ଟଙ୍କା ଚୋରିକରି ନେଇଛନ୍ତି। ଏ ନେଇ ଗୋଦାମ ମାଲିକ ସୁରେଶ ଜଲାନ ଝାରସୁଗୁଡ଼ା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ୬୮୨/୨୨) ରୁଜୁ ହୋଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ପୋଲିସ ଘଟଣାର କୌଣସି ସୁରାକ ପାଇପାରିନାହିଁ।

# ଗଣମାଧ୍ୟମ ରାଷ୍ଟ୍ର ଗଠନର ସଶକ୍ତ ସ୍ତମ୍ଭ

ସୁନ୍ଦରଗଡ଼, ୧୬।୧୧(ଡି.ଏନ.ଏ.)

ଗଣମାଧ୍ୟମ ସମାଜ ବ୍ୟବସ୍ଥାର ଜାଗ୍ରତ ପ୍ରହରୀ। ଦେଶ ଗଢିବାରେ ଓ ବଢ଼ିବାରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗଣମାଧ୍ୟମ ରାଷ୍ଟ୍ର ଗଠନର ସଶକ୍ତ ସ୍ତମ୍ଭ ବୋଲି ବୁଧବାର ସୁନ୍ଦରଗଡ ସଦର ମହକୁମାଠାରେ ଆୟୋଜିତ ଜାତୀୟ ପ୍ରେସ ଦିବସ ପାଳନ ଅବସରରେ ଯୋଗ ଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ଦିବସ ଅବସରରେ ସ୍ଥାନୀୟ ସଦଭାବନା ଭବନଠାରେ 'ରାଷ୍ଟ୍ର ଗଠନରେ ଗଣମାଧ୍ୟମର ଭୂମିକା' ଶୀର୍ଷକ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ ଯୋଗଦେଇ ଗଣମାଧ୍ୟମ ପ୍ରତିନିଧିମାନଙ୍କ କାର୍ଯ୍ୟକୁ ପ୍ରସଂଶା କରିବା ସହିତ ସମାଜର ଉନ୍ନତି ନିମନ୍ତେ ଗଣମାଧ୍ୟମ ପ୍ରତିନିଧିଙ୍କ ସହଯୋଗ କାମନା କରିଥିଲେ। ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସରୋଜ କୁମାର ମିଶ୍ର ଯୋଗଦେଇଥିଲେ। ଜିଲା ଶିକ୍ଷାଧିକାରୀ ଅମୂଲ୍ୟ ପଧାନ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ବର୍ତ୍ତମାନ ଗଣମାଧ୍ୟମର ପରିଭାଷା ପରିବର୍ତ୍ତିତ ହୋଇଛି। ଗଠନମୂଳକ ଖବର ପରିବେଷଣ ମାଧ୍ୟମରେ ଏକ ସୁସ୍ଥ ଓ ସମୃଦ୍ଧ ଗଠନରେ ସହାୟକ ହୋଇଥାଏ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଜିଲା ସମାଜ ମଙ୍ଗଳ ଅଧିକାରୀ ପବିତ୍ର ପ୍ରଧାନ ଦିବସର ମହତ୍ତ୍ୱ ଉପରେ ଆଲୋଚନା କରି ପ୍ରଶାସନ ଓ ଗଣମାଧ୍ୟମ ମଧ୍ୟରେ ଉତ୍ତମ ସମନ୍ୱୟ ରହିବା ଆବଶ୍ୟକ ବୋଲି କହିଥିଲେ। ଜିଲା ପ୍ରେସ କ୍ଲବର ସମ୍ପାଦକ ଦେବାଶିଷ କବି ନିଜ ବକ୍ତବ୍ୟରେ ଖବରଦାତାଙ୍କ କାର୍ଯ୍ୟ, କର୍ତ୍ତବ୍ୟ ତଥା ସୂଚନା ପ୍ରସାରଣରେ ସେମାନଙ୍କର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଉପସ୍ଥିତ ଥିବା ଗଣମାଧ୍ୟମ ପ୍ରତିନିଧି ଦେବେନ୍ଦ୍ର ଭିଡ୍ରିଆ,ଦିଲୀପ କୁମାର ପଣ୍ଡା ଜାତୀୟ ପ୍ରେସ ଦିବସର ମହତ୍ତ୍ୱ ସମ୍ପର୍କରେ କହିବା ସହିତ ସମାଜ ପ୍ରତି ଗଣମାଧ୍ୟମ ପ୍ରତିନିଧିଙ୍କ ଭୂମିକା ଉପରେ ବିସ୍ତୃତ ମତାମତ ରଖିଥିଲେ। ସରକାରୀ ମହାବିଦ୍ୟାଳୟର ଅତିଥି ଅଧ୍ୟାପିକା ସୁସ୍ମିତା ଭୋଇ ଯୋଗ ଦେଇ ଦେଶ ସ୍ୱାଧୀନତା ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ସମୟରେ ଗଣମାଧ୍ୟମର ସ୍ଥିତି ଓ ରାଷ୍ଟ୍ର ନିର୍ମାଣରେ ରହିଆସିଥିବା ବଳିଷ୍ଠ ଭୂମିକା ସମ୍ପର୍କରେ ବ୍ୟାଖ୍ୟା କରିଥିଲେ । ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ବୈଠକ ପରିଚାଳନା କରିଥିଲେ ଏବଂ ଜିଲା ଆପତକାଳୀନ ବିଭାଗର ବିବିଧ ବିଶ୍ୱ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଜିଲା ସମାଜ ମଙ୍ଗଳ ଅଧିକାରୀ ପ୍ରଭାସିନୀ ଚକ୍ର, ଜିଲା ଆପାତକାଳୀନ ଅଧିକାରୀ କୁନ୍ତୀ ନାୟକ, ସୁନ୍ଦରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ମଧୁସ୍ମିତା ସିଂ, ସମସ୍ତ ଛାପା ତଥା ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ଯୋଗ ଦେଇଥିଲେ।


ଜାତୀୟ ପ୍ରେସ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

# ଆର୍‌ସିଏନ କ୍ଲବ ପକ୍ଷରୁ ଫୁଟବଲ୍ ଟୁର୍ନାମେଣ୍ଟ: ମାଳିପଡ଼ା ଚାମ୍ପିୟନ

ଲେଫ୍ରିପଡ଼ା,୧୬।୧୧(ଡି.ଏନ.ଏ.)


ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଅତିଥିମାନଙ୍କ ସହ ଖେଳାଳି।

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ସାତଯୋରିଆ ଆର୍‌ସିଏନ୍ କ୍ଲବ ପକ୍ଷରୁ ଏକ ଦିବସୀୟ ଫୁଟବଲ୍ ଟୁର୍ନାମେଣ୍ଟ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ଲେଫ୍ରିପଡ଼ା ବ୍ଲକ ଅଧ୍ୟକ୍ଷ ନରେଶ ପ୍ରତାପ ସିଂ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଗିରିଙ୍ଗକେଲା ସରପଞ୍ଚ ନୀଳମଣି ମାଝି, ସମିତି ସଭ୍ୟା କେତକୀ ନାଏକ ଯୋଗଦାନ କରିଥିଲେ। ପରେ ଅତିଥିଙ୍କ ଦ୍ୱାରା ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରାଯାଇଥିଲା। କ୍ଲବର ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଖେଳ ଆରମ୍ଭ ହୋଇଥିଲା। ଏଥିରେ ଅଞ୍ଚଳର ଆଠଗୋଟି ଫୁଟବଲ ଦଳ ଭାଗ ନେଇଥିଲେ। ଟୁର୍ନାମେଣ୍ଟର ଫାଇନାଲ ଖେଳ ଡୁମାବାହାଲ ଏବଂ ମାଳିପଡ଼ା ଫୁଟବଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫାଇନାଲ ଖେଳରେ ମାଳିପଡ଼ା ଦଳ ଚାମ୍ପିୟନ ଏବଂ ଡୁମାବାହାଲ ଦଳ ରନର୍ସ ଅପ୍ ହୋଇଥିଲେ। ସନ୍ଧ୍ୟାରେ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲେଫ୍ରିପଡ଼ା ବ୍ଲକର ଜିଲା ପରିଷଦ ସଭ୍ୟ ବୈଷ୍ଣବ ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫୁଟବଲ ଖେଳ ବନ୍ଧୁତ୍ୱ ପରିଚୟ ପ୍ରଦାନ କରିଥାଏ ବୋଲି ମତାମତ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଲେଫ୍ରିପଡ଼ା ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ ପୃଷ୍ଟେଠ ଯୋଗଦେଇ କ୍ରୀଡା କ୍ଷେତ୍ରରେ ରାଜ୍ୟ ସରକାର ବହୁତ ପ୍ରୋତ୍ସାହନ ଦେଇଚାଲିଛନ୍ତି। ତେଣୁ ସମସ୍ତ ଖେଳାଳି ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଇ ଲାଭ ନେବା ପାଇଁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲେଫ୍ରିପଡା ବ୍ଲକର ବିଜେଡି ଯୁବନେତା ସୁମନ୍ତ ପୂଜାରୀ ଆୟୋଜକ ମଣ୍ଡଳୀର ଉନ୍ନତି କାମନା କରିଥିଲେ। ବିଜେଡି ଯୁବନେତା ଭବାନୀ ବିରଗଣ୍ଡିଆ, ଟଙ୍କଧର ବେହେରା, ଗିରିଙ୍ଗକେଲା ସରପଞ୍ଚ ନୀଳମଣି ମାଝୀ, ନିତେଇ ପଟେଲ, ଲୁକାଶ ମିଞ୍ଜ, ସୁରଞ୍ଜନ ନାଏକ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଶେଷରେ ଅତିଥିମାନଙ୍କ ଦ୍ୱାରା ବିଭିନ୍ନ କୃତି ଖେଳାଳି ସହ ଚାମ୍ପିୟନ ଏବଂ ରନର୍ସ ଅପ ଦଳକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଚାମ୍ପିୟନ ଦଳକୁ ଟ୍ରଫି ସହ ୨୫ହଜାର ଟଙ୍କା ଏବଂ ରନର୍ସ ଅପ ଦଳକୁ ଟ୍ରଫି ସହ ୧୫ହଜାର ଟଙ୍କା ଆୟୋଜକ ମଣ୍ଡଳୀ ପକ୍ଷରୁ ପ୍ରଦାନ କରାଯାଇଥିଲା। ଟୁର୍ନାମେଣ୍ଟରେ ରେଫରୀ ଭାବେ ସୁନ୍ଦରଗଡ଼ କ୍ରୀଡା ସଂସଦ ପକ୍ଷରୁ ସୁଶାନ୍ତ ଶେଖର ଷଣ୍ଡ, ହେମନ୍ତ କୁମାର ଦାଶ, ଅଶୋକ ପାଣ୍ଡବ, ରାଜେନ୍ଦ୍ର ମୁଣ୍ଡା, ଶ୍ରୀକାନ୍ତ କିଷାନ ଖେଳ ପରିଚାଳନା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ଆର୍‌ସିଏନ କ୍ଲବର ବଳଦେବ ମାଝି, ୱାର୍ଡ ସଭ୍ୟ ସୃଷ୍ଟି ସଂକ୍ରିୟା, ସୁମନ ସୁରିନ, ଚିନ୍ତାମଣି ସଂକ୍ରିୟା, ରମାକାନ୍ତ ଭୋଇ, ରଞ୍ଜନ ସେଟ, ରୋଶନ ନାଏକ ରାଜେଶ ନାଏକ, ଜିତେନ୍ଦ୍ର ମାଝି ପ୍ରମୁଖ ଗ୍ରାମବାସୀ ଆୟୋଜନ କରିଥିଲେ। ଏଥିରେ ବିଭୂତି ପଟେଲ ମଞ୍ଚ ପରିଚାଳନା ଏବଂ ବଳଦେବ ମାଝି ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଦର୍ଶକଙ୍କ ମନୋରଞ୍ଜନ ସକାଶେ ରାଉରକେଲାର ଝିଅ କଳାକାରଙ୍କ ଦ୍ୱାରା ଡ୍ୟାନସ କାର୍ଯ୍ୟକ୍ରମ, ଗ୍ରାମର ସଂକୀର୍ତ୍ତନ୍ୟ ମଣ୍ଡଳୀ ଦ୍ୱାରା ସଂକୀର୍ତ୍ତନ୍ୟ ଏବଂ ମାଦଳ ନୃତ୍ୟ ପରିବେଷଣ କରାଯାଇଥିଲା।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୧୭ ନଭେମ୍ବର, ୨୦୨୨



## ଆଉଟସୋର୍ସିଂ କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ

କୁଚିଣ୍ଡା (ଡି.ଏନ.ଏ.): ସ୍ଥାୟୀ ନିଯୁକ୍ତି ଦାବିରେ ଗତ ୧୪ତାରିଖରୁ କୁଚିଣ୍ଡାର ଆଇଟିଡିଏ, ବ୍ଲକ, ବିଇଓ ଅଫିସ, ଉପଖଣ୍ଡ ଚିକିତ୍ସାଳୟ ଆଦିରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀ କଳାବ୍ୟାଜ୍ ପରିଧାନ କରି ଆନ୍ଦୋଳନ କରୁଛନ୍ତି । ରାଜ୍ୟ ଆଉଟସୋର୍ସିଂ ମହାସଂଘ ପକ୍ଷରୁ କ୍ରମାଗତ ଭାବେ ଦାବି ହୋଇଆସୁଥିଲେ ହେଁ ସରକାର ଏଥିପ୍ରତି ଆନ୍ତରିକତା ପ୍ରକାଶ କରୁ ନାହାନ୍ତି। ଫଳରେ ବହୁ ଉଚ୍ଚ ଶିକ୍ଷିତ ଯୁବତୀଯୁବକଙ୍କ ଭବିଷ୍ୟତ ନଷ୍ଟ ହେବାକୁ ଯାଉଛି। ସରକାର ଆଶୁ ପଦକ୍ଷେପ ନ ନେଲେ ଆନ୍ଦୋଳନ ତୀବ୍ର କରିବାକୁ ସଂଘ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡ଼ା



କୁଚିଣ୍ଡା,୧୬।୧୧(ଡି.ଏନ.ଏ.): କୁଚିଣ୍ଡା ବ୍ଲକ ଖଣ୍ଡୋକଟା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମଙ୍ଗଳବାର ବାର୍ଷିକ କ୍ରୀଡା ଉଦ୍‌ଯାପିତ ହୋଇଯାଇଛି। ସରପଞ୍ଚ କୁନି ଶେଉଳ ମୁଖ୍ୟଅତିଥି, ପଞ୍ଚାୟତ ସମିତି ଉପାଧକ୍ଷା ରଶ୍ମିତା ନାୟକ, ପିଇଟି ଧୀରେନ୍ଦ୍ର ପଟେଲ, ରୂପଧର ସେଠ, ଯୋଗେନ୍ଦ୍ର ଭଇଁଶା, ନନ୍ଦିତା ପୃଷେଠ, ଜ୍ୟୋସ୍ନାମୟୀ ବାରିକ, ପ୍ରଧାନ ଆଚାର୍ଯ୍ୟ ଲିଲୁ ପୃଷେଠ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡାର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ଶିଶୁବାଟିକା ବିଭାଗରେ ଆନନ୍ଦ ଛାତ୍ରିଆ ଓ ଆୟୁଷ ଚାନ୍ଦ ସାହୁ ପ୍ରଥମ ହୋଇଥିଲେ। କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଗୁରୁମା ବବିତା ପଟେଲ ବୌଦ୍ଧିକ ପରିଚାଳନା କରିଥିଲେ।

### ଅମଲିପାଲିରେ ବିର୍ସା ମୁଣ୍ଡା ଜୟନ୍ତୀ

ଝାରସୁଗୁଡ଼ା ଅଫିସ,୧୬।୧୧: ପ୍ରଗତିଶୀଳ ଶ୍ରମିକ ମଞ୍ଚ ଆନୁକୂଲ୍ୟରେ ବିର୍ସା ମୁଣ୍ଡାଙ୍କ ୧୪୮ ତମ ଜୟନ୍ତୀ ଜେମା କିଷାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ଅମଲିପାଲି ମା' ସମଲେଇ ମନ୍ଦିରରୁ ଏକ ଶୋଭାଯାତ୍ରା ବାହାରି କ୍ଲବ ଠାରେ ପହଞ୍ଚିଥିଲା। ଏଥିରେ ଅମଲିପାଲି ଗ୍ରାମର ଶତାଧିକ ଲୋକ ସାମିଲ ହୋଇ ମହାନ କ୍ରାନ୍ତିକାରୀ, ଦେଶପ୍ରେମୀ, ଲଢୁଆ ଓ ସ୍ୱାଧୀନତା ଆନ୍ଦୋଳନର ଯୋଦ୍ଧା ବିର୍ସାଙ୍କ ଅବଦାନ ସମ୍ପର୍କରେ ଶ୍ରମିକ ମଞ୍ଚର ପ୍ରମୁଖ ରକ୍ଷାକର ଅନୁପମ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଷମା ସାହୁ, ଚେରୁମଣି କାଲୋ, ସଂକୀର୍ତ୍ତନ ନାଏକ ପ୍ରମୁଖ ବିର୍ସା ମୁଣ୍ଡାଙ୍କ ସ୍ମୃତି ଚାରଣ କରିଥିଲେ।

### ଡିଏଭି ସ୍କୁଲରେ ଶିଶୁ ମହୋତ୍ସବ

ଝାରସୁଗୁଡ଼ା ଅଫିସ,୧୬।୧୧: ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲରେ ତ୍ରିଦିବସୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଉଦ୍‌ଯାପନୀ ସଭାରେ ଜୟପୁରରେ କାର୍ଯ୍ୟରତ ସିଭିଲଜଜ୍ ଅଞ୍ଜଳି ମାଛଖଣ୍ଡେ, ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ଅଧକ୍ଷ ନରେନ୍ଦ୍ର କୁମାର ପଣ୍ଡା, ହଂସାମୁରା କଣ୍ଟାପାଲି କଲେଜର ଅଧାପିକା ମନ୍ଦାକିନୀ ଶତପଥୀ, ମହିଳା ମହାବିଦ୍ୟାଳୟ ଅଧାପିକା ଡ. ମୀନା ସୋନି, ଆଇନଜୀବୀ ତାପସ ରାୟ ଚୌଧୁରୀ, ବସୁନ୍ଧରା ଡିଏଭି ଅଧକ୍ଷ ରାଜେନ୍ଦ୍ର କୁମାର ବେଦବାକ, ମହିଳା ମହାବିଦ୍ୟାଳୟର ଅଧାପିକା କ୍ଷାତିଶ୍ରୀ ଭୋଇ, ସଦସ୍ୟ ଅର୍ଜୁନଲାଲ ଅଗ୍ରୱାଲ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ପ୍ରଥମ ଦିବସରେ ସାହିତ୍ୟ ଆଲୋଚନାଚକ୍ର, ଫଟୋଗ୍ରାଫି, ରଙ୍ଗୋଲି, ଦ୍ୱିତୀୟ ଦିବସରେ ମହାପୁରୁଷଙ୍କ ଏକକ ଅଭିନୟ, ଇଂରାଜୀ ବକ୍ତୃତା, ଗୀତ ଓ ତୃତୀୟ ଦିବସରେ ଇଂରାଜୀ ବିତର୍କ, ଗ୍ରୁପ ଡ୍ୟାନ୍ସ ଭଳି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ବନ୍ୟପ୍ରାଣୀ ଶିକାରୀଙ୍କ ବଘିଆ ପୂଜା

**ଅନ୍ଧବିଶ୍ୱାସ**

**ଜଙ୍ଗଲରେ ବୋଦା ବଳି, ମଣିଷ ରକ୍ତ ଅର୍ପଣ**

ସମ୍ବଲପୁର,୧୬।୧୧(ବ୍ୟୁରୋ)

ଆଧୁନିକ ସମାଜରେ ଅନ୍ଧବିଶ୍ୱାସ ଆଜି ବି ତିଷ୍ଠି ରହିଛି। ମଣିଷ ନିଜର ସ୍ୱାର୍ଥ ସାଧନ ପାଇଁ ଅନ୍ଧବିଶ୍ୱାସକୁ ଆପଣେଇ ନେଉଛି। ସ୍ୱାସ୍ଥ୍ୟଗତ ସମସ୍ୟା, ଚାକିରି, ଶିକ୍ଷା, ରୋଜଗାର, ପାରିବାରିକ ସମ୍ପର୍କରେ ଫାଟ ଭଳି ସମସ୍ୟା ସମାଧାନ କିମ୍ବା ମନସ୍କାମନା ପୂରଣ ପାଇଁ ଦେବଦେବୀ ପାଖରେ ପୂଜାର୍ଚ୍ଚନା କରୁଛି। ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ବଳି ଓ ରକ୍ତ ଅର୍ପଣ କରିବାକୁ ପଛାଉନାହିଁ। ବନ୍ୟପ୍ରାଣୀ ଶିକାରୀ ଏଥିରୁ ବାଦ୍ ପଡିନାହାନ୍ତି। ସହଜରେ କିଭଳି ଶିକାର କରିପାରିବେ ସେ ନେଇ ସେମାନେ ଏହି ବଳିପ୍ରଥାକୁ ଆପଣେଇ ନେଇଛନ୍ତି।

ଶିକାରୀମାନେ ନିକଟସ୍ଥ ଜଙ୍ଗଲକୁ ଯାଇ ବଘିଆ ପୂଜା କରୁଛନ୍ତି। ଏହି ପୂଜାରେ ବୋଦା, କୁକୁଡ଼ା ବଳିଦେଉଛନ୍ତି। ଏହା ସହ ନିଜର ରକ୍ତ ମଧ୍ୟ ଅର୍ପଣ କରୁଛନ୍ତି। ସେମାନଙ୍କ ବିଶ୍ୱାସ ରହିଛି, ବଳିଦେବା ଦ୍ୱାରା ଜଙ୍ଗଲରେ ରହୁଥିବା ବନ୍ୟପ୍ରାଣୀଙ୍କୁ ସହଜରେ ଶିକାର କରିହେବ। ଏଭଳି ଘଟଣା ବିଶେଷ କରି ସମ୍ବଲପୁର ବନଖଣ୍ଡ ଅଞ୍ଚଳରେ ଦେଖିବାକୁ ମିଳିଛି। ପୂର୍ବ ରାତିରେ ଶିକାରୀମାନେ ଜଙ୍ଗଲକୁ ଯାଇ ଏଭଳି ପୂଜା କରୁଥିବା ଆଲୋଚନା ହେଉଛି। ସେମାନେ ଶିକାର ପାଇଁ ଜଙ୍ଗଲର ବିଭିନ୍ନ ସ୍ଥାନରେ ଘଡ଼ା (ଗାତ) ତିଆରି କରୁଛନ୍ତି। ଏହି ଘଡାର ଚଉଡା ୫ଫୁଟ୍ ରହିଥିବାବେଳେ ଗଭୀରତା ପ୍ରାୟ ୭ରୁ ୮ଫୁଟ୍ ହେବ। ପରେ ସେମାନେ ୨କି.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଜଙ୍ଗଲରୁ ବନ୍ୟପ୍ରାଣୀଙ୍କୁ ଘଉଡ଼ାଇ ଉକ୍ତ ଘଡ଼ା ପାଖକୁ ନେଇଥାନ୍ତି। ଘଡ଼ାରେ ପଡ଼ିବା ପରେ ବନ୍ୟପ୍ରାଣୀଙ୍କ ବେକରେ ଫାଶ ଲଗାଇ ହତ୍ୟା କରନ୍ତି। ପରେ ଶିକାରୀଙ୍କ ପରିଶ୍ରମ ଅନୁସାରେ ମାଂସକୁ ଭାଗବଣ୍ଟା କରି ନେଇଥାନ୍ତି। ଜିଲାର ଅନ୍ୟ ରେଞ୍ଜ ଅଞ୍ଚଳରେ ବନ୍ୟପ୍ରାଣୀଙ୍କୁ ଏଭଳି ଶିକାର କରାଯାଉଥିବା ଜଣାପଡିଛି। ଏବେ କେବଳ ମାଂସ ପାଇଁ ନୁହେଁ, ଟଙ୍କା ରୋଜଗାର ପାଇଁ ମଧ୍ୟ ଶିକାର କରାଯାଉଛି। ହାତୀକୁ ଶିକାର କରି ଦାନ୍ତ ବିକ୍ରି କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ହରିଣ, କୁଟୁରା, ବାର୍‌ହା, ଗୋଧି, ଠେକୁଆ, ମୟୂର ଭଳି ବନ୍ୟପ୍ରାଣୀଙ୍କୁ ଶିକାର କରାଯାଉଛି। ଏପରି କି ନଖ ଓ ଚମଡ଼ା ପାଇଁ ବାଘ ଭଳି ହିଂସ୍ର ପ୍ରାଣୀ ମଧ୍ୟ ବାଦ୍ ପଡୁନାହାନ୍ତି। ଏ ସମ୍ପର୍କରେ ଡିଏଫ୍‌ଓ ବିଶ୍ୱନାଥ ନୀଳାମ୍ବର କହିଛନ୍ତି, ବନ୍ୟପ୍ରାଣୀ ଶିକାର ଆଇନଗତ ଅପରାଧ। ଶିକାର ଯେଭଳି ଭାବେ କରାଯାଉନା କାହିଁକି ଅଭିଯୁକ୍ତମାନଙ୍କୁ ଦଣ୍ଡ ଦିଆଯିବ। ବିଭିନ୍ନ ସମୟରେ ବନ ବିଭାଗ ପକ୍ଷରୁ ଚଢାଉ କରାଯାଇ ମାମଲା ରୁଜୁ ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଉଛି ବୋଲି ସେ କହିଥିଲେ।

## ହାତୀ, ବାର୍‌ହା ଉତ୍ପାତ: ଫସଲ ନଷ୍ଟ



ହାତୀ ଦ୍ୱାରା ନଷ୍ଟ ହୋଇଥିବା ଧାନଫସଲ।

ଜମନକିରା,୧୬।୧୧(ଡି.ଏନ.ଏ.)

ବାମରା ବନ୍ୟପ୍ରାଣୀ ବନଖଣ୍ଡ ଜମନକିରା ରେଞ୍ଜ ଅଞ୍ଚଳରେ ହାତୀ ଓ ବାର୍‌ହା ଉପଦ୍ରବରେ ବ୍ୟାପକ ଫସଲ ନଷ୍ଟ ହେବାରେ ଲାଗିଛି। ବଡ଼ମାଳ ପଞ୍ଚାୟତର କୋଲପାଲ, ଲଦ୍ରୋପାଲ, କଟଙ୍ଗପାଣି ପଞ୍ଚାୟତର ବଞ୍ଜିଆମ, ଫୁଲକୁସମ ଅଞ୍ଚଳରେ ହାତୀପଲ ଚାଷ ଜମିରେ ପଶି ଧାନ, ପନିପରିବା କ୍ଷତି କରୁଛନ୍ତି। ଆଖି ଆଗରେ ଫସଲ ନଷ୍ଟ ହେଉଥିବା ଦେଖି ଚାଷୀକୁଳ ହତାଶ ହୋଇ ପଡ଼ିଛି। ଚାଷୀ ଓ ବନ କର୍ମଚାରୀ ମଶାଲ ଜାଳି, ବାଜା ବଜାଇ, ବାଣ ଫୁଟାଇ ହାତୀପଲକୁ ଘଉଡାଇବାକୁ ଚେଷ୍ଟା କରୁଥିଲେ ମଧ୍ୟ ସୁଫଳ ମିଳୁନାହିଁ। ହାତୀ ଓ ବାର୍‌ହ ଭୟରେ କେତେକ ଚାଷୀ ବାଧ ହୋଇ ଜମିରେ ଥିବା କଞ୍ଚା ଫସଲ କାଟି ଘରକୁ ନେଇଆସୁଥିବା କହିଛନ୍ତି। ଗତ ରାତିରେ ହାତୀପଲ ଅଞ୍ଚଳର ରୁକଧର ନାଏକ, ହେମନ୍ତ ନାଏକ, ମିଥିଳା ନାଏକ, ଭାଗିରଥି ନାୟକ, ସତ୍ୟନାରାୟଣ ପଟେଲ, ଶିବନାରାୟଣ ପଟେଲ, ଖିଲେଶ୍ୱର ନାଏକଙ୍କ ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି।

## ସମ୍ବଲପୁର ନାଟ୍ୟକଳା ପରିଷଦର ସୁବର୍ଣ୍ଣ ଜୟନ୍ତୀ

ସମ୍ବଲପୁର,୧୬।୧୧(ବ୍ୟୁରୋ)



ଉତ୍ସବରେ ମଞ୍ଚାସୀନ ଅତିଥି ଓ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ ।

ସମ୍ବଲପୁର ନାଟ୍ୟକଳା ପରିଷଦର ସୁବର୍ଣ୍ଣ ଜୟନ୍ତୀ ଝାଡୁଆପଡ଼ା ଆରଣ୍ୟକ ମଞ୍ଚଠାରେ ମଙ୍ଗଳବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ନାଟ୍ୟ ଅଭିନେତା ଓ ନିର୍ଦ୍ଦେଶକ ବିରୁପାକ୍ଷ ପ୍ରଧାନଙ୍କ ମଣିଷର ସମ୍ପର୍କକୁ ନେଇ ନାଟକ ପବିତ୍ର ସମ୍ପର୍କ ଏବଂ ନାଟ୍ୟକାର ପ୍ରଶାନ୍ତ ମହାରଣାଙ୍କ ନାଟକ ବ୍ରହ୍ମାସ୍ତ୍ର ମଞ୍ଚସ୍ଥ ହୋଇଥିଲା। ସମ୍ବଲପୁର ନାଟ୍ୟକଳା ପରିଷଦ ସଭାପତି ଡ. ଶିବନାରାୟଣ ଶତପଥୀଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା। ମହାନଗର ନିଗମ ଆୟୁକ୍ତ ପ୍ରଦୀପ କୁମାର ସାହୁ ଓ ସିଭିଲ ସୋସାଇଟି ସଭ୍ୟ ପ୍ରଫେସର ଶଙ୍କର ପ୍ରସାଦ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବରିଷ୍ଠ ସଭ୍ୟ ତଥା ପୂର୍ବତନ ସମ୍ପାଦକ ସତ୍ୟାନନ୍ଦ ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ଦେବା ସହ ସଭା ସଂଯୋଜନା କରିଥିଲେ। ଡ. ସତ୍ୟନାରାୟଣ ଠାକୁର ମାନପତ୍ର ପାଠ ଓ ବୋଧରାମ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଦସ୍ୟ ଶିରୀଶ ପୂଜାରୀ ଧନ୍ୟବାଦ ଦେଇଥିଲେ। ଉତ୍ସବରେ ସ୍ୱର୍ଗତ ରାଜେନ୍ଦ୍ର ପ୍ରସାଦ ପଣ୍ଡା, ନିରଞ୍ଜନ ନନ୍ଦ, ରଘୁନାଥ କର, ବାପୁଜୀ ପଟ୍ଟନାୟକ, ପଞ୍ଚାନନ ମିଶ୍ର, କୃଷ୍ଣ ଚନ୍ଦ୍ର ଆଚାର୍ଯ୍ୟ, କାର୍ତ୍ତିକ ପ୍ରଧାନ, ବାଳକୃଷ୍ଣ ମିଶ୍ର, ସୁଶିଲ ମହାପାତ୍ର ଓ ରମେଶ ବାରିକଙ୍କ ପରିବାରକୁ ମାନପତ୍ର ଓ ଉପଢ଼ୌକନ ଦେଇ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା। ଯୁଗ୍ମ ସମ୍ପାଦକ ସୂର୍ଯ୍ୟ ପାଣିଗ୍ରାହୀ ସମ୍ବର୍ଦ୍ଧନା ପର୍ବ ପରିଚାଳନା କରିଥିଲେ। ଚଳଚ୍ଚିତ୍ର ଅଭିନେତା ମନୋଜ ମିଶ୍ର ମୁଖ୍ୟଅତିଥି, ଗୀତିକାର ବିନୋଦ ପଶାୟତ, ଅନୁଷ୍ଠାନର ପୂର୍ବତନ ସଭାପତି ପଦ୍ମଲୋଚନ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ଟାଙ୍ଗିଆରେ ହାଣି ସାଙ୍ଗଙ୍କୁ ହତ୍ୟା

ରେଙ୍ଗାଲି,୧୬।୧୧(ଡି.ଏନ.ଏ.)



ଗିରଫ ଚିନ୍ତାମଣି।

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ପୁରୁଣାବସ୍ତିରେ ବୁଧବାର ସାମାନ୍ୟ ବଚସାରୁ ହତ୍ୟାକାଣ୍ଡ ଘଟିଛି। ଜଣେ ଯୁବକଙ୍କୁ ତାଙ୍କର ବହୁଦିନର ସାଙ୍ଗ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ହତ୍ୟାର ଶିକାର ହୋଇଥିବା ଯୁବକ ହେଲେ ଅଭିଷେକ ଖମାରି (୨୫)। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଚିନ୍ତାମଣି ସାହୁ (୨୬)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ମଧ୍ୟାହ୍ନରେ ପୁରୁଣାବସ୍ତିର ଚିନ୍ତାମଣି ଓ ଅଭିଷେକଙ୍କ ମଧ୍ୟରେ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ପରେ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ଚିନ୍ତାମଣୀ ଉତ୍କ୍ଷିପ୍ତ ହୋଇ ଏକ ଟାଙ୍ଗିଆରେ ଅଭିଷେକଙ୍କୁ ଆକ୍ରମଣ କରିଥିଲେ। ବେକରେ ଗଭୀର ଆଘାତ ଲାଗିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହା ଦେଖି ଚିନ୍ତାମଣି ସେଠାରୁ ଫେରାର ହୋଇଯାଇଥିଲେ। ଏହାକୁ ନେଇ ଅଭିଷେକଙ୍କ କାକା ଆକାଶ ଖମାରୀ ରେଙ୍ଗାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଓ ସାଇଣ୍ଟିଫିକ ଦଳ ଘଟଣାସ୍ଥଳକୁ ଯାଇ ଛାନ୍‌ଭିନ୍ କରିଥିଲେ। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ହତ୍ୟାକାରୀ ଚିନ୍ତାମଣିଙ୍କୁ ଗିରଫ କରିବା ସହ ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ଜବତ କରିଛି।

## ହୀରାକୁଦ ହିଣ୍ଡାଲ୍‌କୋ ପକ୍ଷରୁ ଶିଶୁ ମହୋତ୍ସବ

ସମ୍ବଲପୁର,୧୬।୧୧(ବ୍ୟୁରୋ)

ହୀରାକୁଦ ହିଣ୍ଡାଲ୍‌କୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ଶିଶୁ ମହୋତ୍ସବ ପାୱାର କଲୋନୀ କମ୍ୟୁନିଟି ହଲଠାରେ ପାଳିତ ହୋଇଯାଇଛି। ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀଙ୍କ ତତ୍ତ୍ୱାବଧାନରେ ଉତ୍ସବ ହୋଇଥିଲା। ହୀରାକୁଦ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ୨୨ ବିଦ୍ୟାଳୟରୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା ହୋଇଥିଲା। ହିଣ୍ଡାଲ୍‌କୋ ସାଧାରଣ ପରିଚାଳନା ବିଭାଗ କର୍ଣ୍ଣେଲ ସନ୍ଦିପ ତିୱାରୀ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ପ୍ଲାଣ୍ଟ ମୁଖ୍ୟ ଦେବାଶିଷ ମଲିକ, ଇଆର ସ୍ମେଲଟର ମୁଖ୍ୟ ସତ୍ୟ ଦାଶ, ପାୱାର ମୁଖ୍ୟ ଶୁଭଶ୍ରୀ ମହାପାତ୍ର, ହୀରାକୁଦ ସିଆର୍‌ସିସି ନମିତା ଧଳ, ଗଡ଼ମୁଣ୍ଡା ସିଆର୍‌ସିସି ସୁପ୍ରଭା ସ୍ୱାଇଁ, ସୁଦେସ୍ନା ସାହୁ, ପ୍ରଣତୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ହିଣ୍ଡାଲ୍‌କୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ମୁଖ୍ୟ ସୁକାନ୍ତ କୁମାର ମହାପାତ୍ର, ଆନନ୍ଦ ଚକ୍ରବର୍ତ୍ତି, ସରୋଜ କୁମାର ଆଚାର୍ଯ୍ୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ କମ୍ପାନୀର ସମ୍ବଲପୁର କ୍ଲଷ୍ଟର ମୁଖ୍ୟ କୈଳାଶ ନାଥ ପାଣ୍ଡେଙ୍କ ମାର୍ଗଦର୍ଶନ କରିଥିଲେ।

## ସମ୍ମିଳିତ ଆଦିବାସୀ ସମାଜ ପକ୍ଷରୁ ବିର୍ସା ମୁଣ୍ଡା ଜୟନ୍ତୀ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

ଝାରସୁଗୁଡ଼ା ଅଫିସ,୧୬।୧୧

ସମ୍ମିଳିତ ଆଦିବାସୀ ସମାଜ ଆନୁକୂଲ୍ୟରେ ବିର୍ସା ମୁଣ୍ଡାଙ୍କ ୧୪୭ତମ ଜୟନ୍ତୀ ଲଇକେରା ବ୍ଲକ ବାବୁଛିପିଡିହି ପଞ୍ଚାୟତ ହୁଡୁକୁଡିହି ଫୁଟ୍‌ବଲ ପଡିଆଠାରେ ପାଳିତ ହୋଇଯାଇଛି। ସଂଗଠନ ସଭାପତି ମାଧବ ସିଂହ ନାଏକଙ୍କ ସଭାପତିତ୍ୱରେ ସଭା ହୋଇଥିଲା। କିଷାନ ସମାଜ ରାଜ୍ୟ ସଭାପତି ମୋହନଲାଲ କିଷାନ ମୁଖ୍ୟଅତିଥି, ଅଖିଳ ଭାରତୀୟ ଗୋଁଣ୍ଡୱନା ଗୋଁଣ୍ଡ ମହାସଭା ରାଜ୍ୟ ସଭାପତି ମହେନ୍ଦ୍ର ନାଏକ ମୁଖ୍ୟବକ୍ତା ଓ ଅବସରପ୍ରାପ୍ତ ପ୍ରଶାସକ ମେଘନାଦ ନାଏକ, ବୁନ୍ଦେ ଧୁରୁଆ, ରତ୍ନାକର ପ୍ରଧାନ, ଉମ୍ବରୁଧର ନାଏକ, ସ୍ଥାନୀୟ ସରପଞ୍ଚ ମନୋଜ ବୁଦୁଲା, ନାରୀନେତ୍ରୀ ସରସ୍ୱତୀ ମାଝି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଲଇକେରା, କିର୍ମିରାକୁ ଆଇଟିଡିଏରେ ଅନ୍ତର୍ଭୁକ୍ତ, ରାଜ୍ୟରେ ପେଶା ଆଇନ ଲାଗୁ କରିବା ଉପରେ ଆଲୋଚନା ହୋଇଥିଲା। ସଂଗଠନର ପ୍ରମୁଖ ସଚିବ ଅଶୋକ କୁମାର ମାଝି, ଉପଦେଷ୍ଟା ପ୍ରଭାକର ଓରାମ ସଭା ପରିଚାଳନା କରିଥିବାବେଳେ ନବୀନ କୁମାର ବୁଦୁଲା, ତ୍ରିଲୋଚନ ଉନସନା, ବାସୁଦେବ ଧୁରୁଆ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ମୁଣ୍ଡା ସମାଜ ଓ କିଷାନ ସମାଜ ପକ୍ଷରୁ ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା।

## ବୁଢ଼ାରଜା ହାଇସ୍କୁଲରେ ହସ୍ତକଳା ପ୍ରଦର୍ଶନୀ

ସମ୍ବଲପୁର,୧୬।୧୧(ବ୍ୟୁରୋ)

ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ, କଳା ଓ ହସ୍ତକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନରେ ୭୦ ଏବଂ କଳା ଓ ହସ୍ତକଳାରେ ୭୫ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଜ୍ଞାନ ବରିଷ୍ଠ ବିଭାଗରେ ସତ୍ୟ ସ୍ୱରୂପ ନାୟକ, ପ୍ରତ୍ୟୁଷ ମହାରଣା ଓ ନବୀନ ନାୟକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଏବଂ କନିଷ୍ଠ ବର୍ଗରେ ତନୟ ଦାଶ, ସୁପ୍ରିୟା ଠେଲା ଓ ରଜତ ମୁଦୁଲି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ଚିତ୍ରକଳାରେ କ୍ରିଷ୍ଣା ମହାରଣା, ଜୟଶ୍ରୀ ନନ୍ଦ, ମେନକା ବେରିହା, ହସ୍ତକଳା ବିଭାଗରେ ସୂର୍ଯ୍ୟ ପ୍ରକାଶ ବାରିକ, ରଞ୍ଜନା ଦାଶ, ସତ୍ୟ ସ୍ୱରୂପ ନାୟକ ଏବଂ ରଙ୍ଗୋଲି ବିଭାଗରେ ନିହାରିକା ଛତ୍ରିଆ, ମେନକା ବେରିହା ଓ ବୈଷ୍ଣବୀ ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କାର ଲାଭ କରିଥିଲେ। ଭିସୁଟ୍ ପ୍ରଫେସର ଶରତ କୁମାର ସ୍ୱାଇଁ ମୁଖ୍ୟଅତିଥି ଓ ଡାକ୍ତର ନାରାୟଣୀ ପଣ୍ଡା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଞ୍ଜୁକ୍ତା ସାହୁ ସମ୍ମାନିତ ଅତିଥି ଥିଲେ। ସରକାରୀ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ଦାଶ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁମିତା ପତ୍ରୀ ଅଧକ୍ଷତା ଓ ବରିଷ୍ଠ ଶିକ୍ଷକ ହରି ନାରାୟଣ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସାହୁ ଧନ୍ୟବାଦ ଦେଇଥିଲେ। ଶାନ୍ତିଲତା ଦାଶ, ଅବସରପ୍ରାପ୍ତ ଅର୍ଚ୍ଚନା ପାଣି, ପ୍ରଶାନ୍ତ କୁମାର ପାଟଯୋଶୀ, ଦେବାଶିଷ ପ୍ରଧାନ ବିଚାରକ ଥିଲେ।

## କମ୍ପ୍ୟୁଟର ତାଲିମ କେନ୍ଦ୍ର ଉଦ୍‌ଘାଟିତ

ସମ୍ବଲପୁର,୧୬।୧୧(ବ୍ୟୁରୋ)

ବୁର୍ଲା ଆନନ୍ଦ ବିହାରଠାରେ ଜାଗୃତି ମହିଳା ମଣ୍ଡଳ ପକ୍ଷରୁ କମ୍ପ୍ୟୁଟର ତାଲିମ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ମଣ୍ଡଳ ଉପସଭାନେତ୍ରୀ ସରିତା ପଟେଲ ଓ ରଶ୍ମି ବେହୁରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜାଗୃତି ମହିଳା ମଣ୍ଡଳ, ଏମ୍‌ସିଏଲ୍ ଦ୍ୱାରା ପରିଚାଳିତ କମ୍ପ୍ୟୁଟର ତାଲିମ କେନ୍ଦ୍ରରେ ମହିଳା ଏବଂ ବାଳିକାମାନେ କିପରି ଆତ୍ମନିର୍ଭରଶୀଳ ହେବେ ସେ ନେଇ ସ୍ୱତନ୍ତ୍ର ଭାବେ ଏହି କେନ୍ଦ୍ର ଖୋଲାଯାଇଛି। ସମାରୋହରେ ବୋର୍ଡ ସଦସ୍ୟ ଏବଂ ପ୍ରଶିକ୍ଷକ ଉପସ୍ଥିତ ଥିଲେ।

## ଫୁଟ୍‌ବଲ ପ୍ରତିଯୋଗିତା: ବେଲପାହାଡ଼ ଚାମ୍ପିୟନ

ବ୍ରଜରାଜନଗର,୧୬।୧୧(ଡି.ଏନ.ଏ.)

ସ୍ଥାନୀୟ ରାଜପୁର ଖେଳପଡିଆରେ ଚାଲିଥିବା ପ୍ରଥମାଷ୍ଟମୀ ଫୁଟ୍‌ବଲ ପ୍ରତିଯୋଗିତା ଶେଷ ହୋଇଛି। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୬ଗୋଟି ଦଳ ମଧ୍ୟରୁ ଫାଇନାଲ ମ୍ୟାଚ ବ୍ରଜରାଜନଗର ଏକାଡେମୀ ଓ ରାଇଜିଂଷ୍ଟାର ବେଲପାହାଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବେଲପାହାଡ଼ ଦଳ ୨ଗୋଟି ଗୋଲ ଦେଇ ଚାମ୍ପିୟନ ହୋଇଥିଲା। ସ୍ଥାନୀୟ ବିଧାୟିକା ଅଳକା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ସରସ୍ୱତୀ ନାୟକ, ସମିତିସଭ୍ୟ ସସ୍ମିତା ତନ୍ତୀ, ଜିଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ତାପସ ରାୟ ଚୌଧୁରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଖେଳାଳି।

## ଗଠନମୂଳକ ଖବର ସମାଜରେ ସଂସ୍କାର ଆଣିଥାଏ

ରେଢ଼ାଖୋଲ,୧୬।୧୧(ଡି.ଏନ.ଏ.)

ଗଠନମୂଳକ ଖବର ସମାଜରେ ସଂସ୍କାର ଆଣିଥାଏ। ରେଢ଼ାଖୋଲ ଉପଖଣ୍ଡ ସାମ୍ବାଦିକ ସଂଘ ପକ୍ଷରୁ ବୁଧବାର ଆୟୋଜିତ ଜାତୀୟ ପ୍ରେସ ଦିବସରେ ଅତିଥିମାନେ ଏହି ମତ ଦେଇଥିଲେ। ସଂଘ ସଭାପତି ଗୋବର୍ଦ୍ଧନ ବଘାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡିଏଫ୍‌ଓ ରମାକାନ୍ତ ନାଏକ, ବ୍ଲକ ଅଧକ୍ଷ ପ୍ରଦୀପ ପ୍ରଧାନ, ନଗରପାଳ ଶିବରାମ ସାହୁ, ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର, ବିଡିଓ ମନୋଜ କୁମାର ମେହେର, ଆସିଷ୍ଟାଣ୍ଟ କଲେକ୍ଟର ପ୍ରୀତିଶ ପଣ୍ଡା, ଭୀମ ଭୋଇ କଲେଜର ଇଂରାଜୀ ଅଧାପକ ଅଞ୍ଜନ କୁମାର ମିଶ୍ର, ଓଡିଆ ଅଧାପକ ଡ. ମନୋରଞ୍ଜନ ମହନ୍ତ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସଂଘ ସମ୍ପାଦକ ଦେବାନନ୍ଦ ପ୍ରଧାନ ଅତିଥି ପରିଚୟ ଓ ରଞ୍ଜିତ ଦେହୁରି ସଭା ପରିଚାଳନା କରିଥିଲେ। ରାଜା ପାଲ ଧନ୍ୟବାଦ ଦେଇଥିଲେ। ଉପଖଣ୍ଡ ସାମ୍ବାଦିକ ସଂଘର ଯୋଗଜନା ଦାଶ ଶର୍ମା, ଯଶୋବନ୍ତ ନାରାୟଣ ସାହୁ, ମହାବୀର ସିଂଦେଓ, ସଂଗ୍ରାମ କେଶରୀ ଭଞ୍ଜ, ଶଙ୍କର୍ଷଣ ମହାକୁଡ, ସୁଶାନ୍ତ ପ୍ରଧାନ, ଅଚ୍ୟୁତାନନ୍ଦ ପୁରୋହିତ ପ୍ରମୁଖ ଯୋଗଦେଇଥିଲେ।




ରେଢାଖୋଲଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଜମନକିରା (ଡି.ଏନ.ଏ.)

ଜମନକିରା ସାମ୍ବାଦିକ ଭବନଠାରେ ୫୬ତମ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଗଣମାଧ୍ୟମ ଓ ସାଧାରଣ ଜନତାଙ୍କ ସ୍ୱର ଶୀର୍ଷକ ଆଲୋଚନା ଚକ୍ର ସଭାପତି ରାଜେନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜମନକିରା ବିଡିଓ ଗୁନୁ ମେହେର ମୁଖ୍ୟଅତିଥି, ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷା ନିରୀକ୍ଷକ ତ୍ରିଲୋଚନ ପଟେଲ ମୁଖ୍ୟବକ୍ତା ଓ ଜମନକିରା ଥାନାଧିକାରୀ ପ୍ରେମଜିତ ଦାସ, ଫାଶିମାଲ ଆଞ୍ଚଳିକ ଉଚ୍ଚ ମାଧମିକ ବିଦ୍ୟାଳୟ ଅଧ୍ୟକ୍ଷା ଜ୍ୟୋସ୍ନାରାଣୀ ଦଳବେହେରା, ସମ୍ବଲପୁର ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରଭାତ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆଲୋଚନା ଚକ୍ରରେ ଓଡ଼ିଶା ସାମ୍ବାଦିକ ସଂଘ ସମ୍ବଲପୁର ଶାଖାର କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ପ୍ରସାଦ ଦାନି, ସଞ୍ଜୟ ନାଏକ, ଶୋଭାରାମ ପଧାନ, ଆଦିପ୍ରସାଦ ମହାକୁଳ, ସରୋଜ ପଟ୍ଟନାୟକ, ନବିନ ପଟେଲ, ସନ୍ତୋଷ ସାହୁ, ଗୋକୁଳାନନ୍ଦ ଦାନି, ଧନେଶ୍ୱର ପଧାନ, ନାରାୟଣ ସାହୁ ପ୍ରମୁଖ ଭାଗ ନେଇଥିଲେ। ଏହି ଅବସରରେ ଶିକ୍ଷା କ୍ଷେତ୍ରରେ ଅବସରପ୍ରାପ୍ତ ଶିକ୍ଷକ ଦିଲିପ ବହିଦାର, କୃଷି କ୍ଷେତ୍ରରେ ଯୁବ ଚାଷୀ ରାଜେଶ ନାଏକ ଓ ସ୍ୱାସ୍ଥ୍ୟସବା କ୍ଷେତ୍ରରେ ଲକ୍ଷ୍ମଣ ବେହେରାଙ୍କୁ ଉପଢୌକନ ଓ ମାନପତ୍ର ଦେଇ ଅତିଥିଗଣ ସମ୍ମାନିତ କରିଥିଲେ। ଖବରଦାତା ସଚିକାନ୍ତ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରସନ୍ନ ପ୍ରଧାନ ଧନ୍ୟବାଦ ଦେଇଥିଲେ।

କୁଚିଣ୍ଡା (ଡି.ଏନ.ଏ.)

କୁଚିଣ୍ଡା ସାମ୍ବାଦିକ ଭବନଠାରେ ବୁଧବାର ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯଇଛି। ସଂଘ ସଭାପତି ବିରଞ୍ଚି ଦର୍ଭାଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଉପଜିଲାପାଳ ବିଭୁତି ଭୂଷଣ ନାୟକ ମୁଖ୍ୟଅତିଥି, ଉପଖଣ୍ଡ ଆରକ୍ଷୀ ଅଧିକାରୀ ରାଜ କିଶୋର ମିଶ୍ର ମୁଖ୍ୟବକ୍ତା, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ସୁରେଶ ଚନ୍ଦ୍ର ପ୍ରଧାନ, ବିଡିଓ ନିରଞ୍ଜନ ସା, ତହସିଲଦାର ପ୍ରସନ୍ନ ଟେଟେ, ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରଭାତ କୁମାର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗଣମାଧ୍ୟମରେ ଲୋକଙ୍କ ସ୍ୱର ଓ ବାସ୍ତବତା ଶୀର୍ଷକ ଆଲୋଚନଚକ୍ରରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବରିଷ୍ଠ ଖବରଦାତା ଜୟ କିଶୋର ମହାପାତ୍ରଙ୍କୁ ସାମ୍ବାଦିକ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶେଷରେ ପ୍ରକାଶ ଚନ୍ଦ୍ର ଶର୍ମା ଧନ୍ୟବାଦ ଦେଇଥିଲେ।

**କଳାବ୍ୟାଜ୍ ପିନ୍ଧି ଆଉଟସୋର୍ସିଂ କର୍ମଚାରୀଙ୍କ ପ୍ରତିବାଦ**

ଲୋଇସିଂହା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀମାନେ ଗତ ସୋମବାର ଠାରୁ କଳାବ୍ୟାଜ୍ ପିନ୍ଧି ନିଜ କାର୍ଯ୍ୟ କ୍ଷେତ୍ରରେ କାମ କରୁଛନ୍ତି। ଦୀର୍ଘ ୧୦ରୁ ୧୨ ବର୍ଷ ହେଲା ଏହି ଅସ୍ଥାୟୀ କର୍ମଚାରୀମାନେ କାମ କରି ଆସୁଛନ୍ତି। ହେଲେ ସେମାନେ ନିୟମିତ ହୋଇ ପାରି ନ ଥିବାରୁ ଏପରି ପ୍ରତିବାଦ କରି ସରକାରଙ୍କ ଦୃଷ୍ଟିକୁ ଆଣିବାକୁ ଉଦ୍ୟମ ଚଳାଇଛନ୍ତି। ଚାକିରି ସ୍ଥାୟୀ ଦାବିରେ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ, ବନବିଭାଗ, ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ଡାକ୍ତରଖାନରେ ବହୁ କର୍ମଚାରୀ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରୁଛନ୍ତି ।

# ସାମାଜିକ ପରିପକ୍ୱତା ଆଣିବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ: ଜିଲାପାଳ

## ବଲାଙ୍ଗୀରରେ ଜାତୀୟ ପ୍ରେସ୍ ଦିବସ ପାଳିତ

ବଲାଙ୍ଗୀର ଅଫିସ, ୧୬।୧୧

ଦେଶ ଗଠନରେ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା, ନ୍ୟାୟପାଳିକା ଏବଂ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗଣମାଧ୍ୟମର ସ୍ୱତନ୍ତ୍ରତା ଏହା ଯେ ସେ ଅନ୍ୟ ତିନି ପ୍ରମୁଖ ସ୍ତମ୍ଭକୁ ସକ୍ରିୟ ଏବଂ ସ୍ୱଚ୍ଛ ରଖିବାରେ ମୁଖ୍ୟ ଭୂମିକା ନିର୍ବାହ କରେ। ସାମାଜିକ ପରିପକ୍ୱତା ଆଣିବା ଦିଗରେ ମଧ୍ୟ ଗଣମାଧ୍ୟମର ଭୂମିକା ରହିଛି। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନୀତି ନିଷ୍ପତ୍ତିରେ ଗଣମାଧ୍ୟମର ଭୂମିକା ସ୍ପଷ୍ଟ ବାରି ହୋଇପଡୁଛି। ଆଜିର ସମୟରେ ଗଣମାଧ୍ୟମ ସମ୍ମୁଖରେ ଅନେକ ଆହ୍ୱାନ ଦେଖାଯାଉଛି। ଏହିସବୁ ଆହ୍ୱାନର ସଫଳ ପରିଚାଳନା ହିଁ ରାଷ୍ଟ୍ର ଗଠନର ଗୁରୁତ୍ୱପୂର୍ଣ୍ଣ ଦିଗ। ଉଭୟ ଗଣମାଧ୍ୟମ ଏବଂ ଗଣମାଧ୍ୟମ ପ୍ରତିନିଧି ଏଦିଗରେ ନିଜର ଦାୟିତ୍ୱପୂର୍ଣ୍ଣ ଯୋଗଦାନ ହିଁ ରାଷ୍ଟ୍ର ଗଠନରେ ସେମାନଙ୍କ ଭୂମିକାକୁ ପ୍ରତିପାଦିତ କରୁଛି ବୋଲି ଜିଲାପାଳ ଚଞ୍ଚଳ ରାଣା ଜାତୀୟ ପ୍ରେସ ଦିବସ ଅବସରରେ ସ୍ଥାନୀୟ ସାମ୍ବାଦିକ ଭବନ ଠାରେ କହିଥିଲେ। ଜିଲା ପ୍ରଶାସନ



ଜିଲାସ୍ତରୀୟ ପ୍ରେସ୍ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

ଏବଂ ଜିଲା ସାମ୍ବାଦିକ ସଂଘର ମିଳିତ ଆୟୋଜନକ୍ରମେ ବୁଧବାର ପୂର୍ବାହ୍ନରେ ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳନ କରାଯାଇଥିଲା। ସଂଘ ସଭାପତି ଶିବ ପ୍ରସାଦ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜିଲାପାଳ ରାଣା ଯୋଗଦାନ କରି ରାଷ୍ଟ୍ରଗଠନରେ ଗଣମାଧ୍ୟମର ଭୂମିକା ଶୀର୍ଷକ ବିଷୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକର ଯୋଗ ଦେଇ ସାମ୍ବାଦିକଙ୍କ ଗବେଷଣାତ୍ମକ ରିପୋର୍ଟ ଏବଂ ଖବର ଜାତୀୟ ନୀତି ନିର୍ଦ୍ଧାରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଏଣୁ ଗଣମାଧ୍ୟମ ପ୍ରତିନିଧିମାନେ ଦାୟିତ୍ୱପୂର୍ଣ୍ଣ ଭାବେ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ଉଚିତ୍ ବୋଲି କହିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ସଭା ସଂଯୋଜନା କରିଥିଲେ। ସଭାରେ ସଂଘ ସାଧାରଣ ସମ୍ପାଦକ ଶିଶିରକାନ୍ତ ଶତପଥୀ ମଞ୍ଚାସୀନ ଥିଲେ । ସଂଘ ସଭାପତି ପରିଡ଼ା ପ୍ରଥମେ ସ୍ୱାଗତ ଅଭିଭାଷଣ ଦେବା ସହ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ରାଷ୍ଟ୍ର ନିର୍ମାଣରେ ଗଣମାଧ୍ୟମର ଭୂମିକା ଶୀର୍ଷକ ଆଲୋଚନାରେ ବରିଷ୍ଠ ସାମ୍ବାଦିକ ଗୋପବନ୍ଧୁ ଶତପଥୀ, ଆନନ୍ଦ ଚନ୍ଦ୍ର ସାହୁ, ସୁଧୀର କୁମାର ମିଶ୍ର, ଅରୁଣ କୁମାର ମିଶ୍ର, ବିଶ୍ୱଜିତ ଦାଶ, ବୀରେନ୍ଦ୍ର କୁମାର ଝାଙ୍କର, ପୂର୍ଣ୍ଣଚନ୍ଦ୍ର ପଣ୍ଡା ଓ ବିଭୂକଲ୍ୟାଣ ଗଡ଼ତ୍ୟା ମତାମତ ଉପସ୍ଥାପନ କରିଥିଲେ। ଶେଷରେ ସଂଘ ସାଧାରଣ ସମ୍ପାଦକ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ସାମ୍ବାଦିକ ସଂଘ ସଭ୍ୟାସଭ୍ୟ, ଜିଲା ପ୍ରେସ କ୍ଲବ ସଦସ୍ୟ ତଥା କାର୍ଯ୍ୟରତ ସାମ୍ବାଦିକ ଓ ବୁଦ୍ଧିଜୀବୀମାନେ ଯୋଗଦାନ କରିଥିଲେ।

**ସେଲ୍ଫି କର୍ନର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

smbselfie@gmail.com


@ ଗତି


@ କଲ୍ୟାଣୀ


@ ନିଶିକାନ୍ତ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ସଂକ୍ଷେପରେ

## ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ

### ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କପଡ଼ା ପୋଡ଼ିଗଲା

**ବେଲପଡା,୧୬।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ବେଲପଡାସ୍ଥିତ ଆଇଟିଆଇ କଲେଜ ନିକଟରେ ଥିବା ଏକ କପଡା ଦୋକାନରେ ଶର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟି ବହୁ ପରିମାଣର କପଡା ପୋଡିଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ବେଲପଡା ମାଉସୀ ମା' ମନ୍ଦିରପଡାର ସନ୍ତୋଷ ମେହେର କିଛି ବର୍ଷ ହେବ ଆଇଆଇଟି କଲେଜ ନିକଟରେ ସମ୍ବଲପୁରୀ କପଡା ଦୋକାନ ଖୋଲିଥିଲେ। ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ନିଜ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଏହାର ଅଧଘଣ୍ଟା ପରେ ତାଙ୍କର ସମ୍ବଲପୁରୀ ଡ୍ରେସେସ ଦୋକାନରେ ନିଆଁ ଲାଗି ଯାଇଥିବା ଖବର ପାଇଥିଲେ। ଖବରପାଇ ବେଲପଡା ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଟିମ୍ବର ତ୍ରିନାଥ ମିଶ୍ରଙ୍କ ଉଦ୍ୟମରେ ନିଆଁକୁ ଆୟତ୍ତ କରାଯାଇଥିଲା। ହେଲେ ଦୋକାନ ଭିତରେ ଥିବା ଦାମୀ ସମ୍ବଲପୁରୀ କପଡା, ଡ୍ରେସ, ରୁମାଲ ଓ ୩ ଗୋଟି ସିଲେଇ ମେଶିନ ପୋଡିଯାଇଛି। କ୍ଷୟକ୍ଷତିର ପରିମାଣ ପ୍ରାୟ ୩ ଲକ୍ଷ ଟଙ୍କା ହେବ ବୋଲି ମେହେର କହିଛନ୍ତି। ସେ ଧାରକରଜ କରି ଦୋକାନ ଖୋଲିଥିଲେ। ଦୋକାନ ସଂପୂର୍ଣ୍ଣ ପୋଡି ଯିବାରୁ ସେ ଭାଙ୍ଗି ପଡିଛନ୍ତି । ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି ହେଉଛି।

# ମୁରିବାହାଲ ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳିତ


ଜାତୀୟ ପ୍ରେସ୍ ଦିବସ ଅବସରରେ ଖବରଦାତାମାନେ ।

ମୁରିବାହାଲ,୧୬।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲାର ମୁରିବାହାଲ ବ୍ଲକ ସାମ୍ବାଦିକ ସଂଘ କାର୍ଯ୍ୟାଳୟଠାରେ ବୁଧବାର ଦିନ ବ୍ଲକସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସଂଘର ସଭାପତି ଭଗବାନ ମହାନ୍ତିଙ୍କ ସଭାପତିତ୍ୱରେ ଏକ ବୈଠକ ହୋଇଥିଲା । ଏଥିରେ ବରିଷ୍ଠ ସାମ୍ବାଦିକ ତଥା ସଂଘର ଉପଦେଷ୍ଟା ଶ୍ରୀବସ୍ତ ବେହେରା, ସଂଘର ଆଇନ ପରାମର୍ଶଦାତା ଜୟଦୀପ ପୁରୋହିତ, କୋଷାଧ୍ୟକ୍ଷ ସୁଦାମ ଚରଣ ବଘାର, ଶିକ୍ଷାବିତ ରାଜୀବ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଜାତୀୟ ପ୍ରେସ ଦିବସର ଉଦ୍ଦେଶ୍ୟ ଓ ସାମ୍ବାଦିକଙ୍କ ଭୂମିକା, କାର୍ଯ୍ୟଶୈଳୀ ଉପରେ ଆଲୋକପାତ କରିଥିଲେ। ଆଞ୍ଚଳିକ ଭାଷାରେ ଲୋକଙ୍କ ସମସ୍ୟାକୁ ସରକାରଙ୍କ ନିକଟରେ ପହଞ୍ଚାଇବା ଓ ଅନାଲୋଚିତ ଘଟଣାବଳୀ ଲୋକଲୋଚନକୁ ଆଣିବାରେ ସାମ୍ବାଦିକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସାଧାରଣ ସମ୍ପାଦକ ଦୁର୍ଗାନନ୍ଦ ମହାକୁର ବର୍ଷର କାର୍ଯ୍ୟକଳାପ ଉପରେ ଆଲୋକପାତ କରବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଦିବାସୀ ଗୌରବ ଦିବସ ପାଳିତ

ଲୋଇସିଂହା,୧୬।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଆଦିବାସୀ ଭବନଠାରେ ଆଦିବାସୀ ସଂଘ ତରଫରୁ ବ୍ଲକସ୍ତରୀୟ ବିର୍ସା ମୁଣ୍ଡା ଜୟନ୍ତୀ ତଥା ଆଦିବାସୀ ଗୌରବ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି । ଉତ୍ସବରେ ଦଶରଥ ଛତ୍ରିଆ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲା ସଭାପତି ଶ୍ୟାମସୁନ୍ଦର ଭୋଇ, ଗୋପାଳ ପଧାନ,ଜେଏସୟୁର ସଭାପତି ଲଳିତମୋହନ ପୁଟା ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ବିର୍ସା ମୁଣ୍ଡାଙ୍କ ସ୍ମୃତିଚାରଣ କରି ଦେଶମାତୃକାର ସ୍ୱାଧୀନତା ପାଇଁ ତାଙ୍କ ଅବଦାନକୁ ମନେ ପକାଇଥିଲେ। ଏହି ଅବସରରେ ଆଦିବାସୀ ଭବନରେ ଚାଲିଥିବା ସିଲେଇ ଶିକ୍ଷାର ମାନ ଉନ୍ନତି ପାଇଁ ଶିବିରାର୍ଥୀଙ୍କୁ ଅତିଥି ଦିଗଦର୍ଶନ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କୁ ତାଲିମଦାତା କମ୍ପ୍ୟୁଟର ଶିକ୍ଷା ଉପରେ ଧାରଣା ଦେଇଥିଲେ। ସରୋଜ ମହାକୁର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

# ଗ୍ରାମୀଣ ବିକାଶ ପାଇଁ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ

### ଖପ୍ରାଖୋଲ ବ୍ଲକରେ ଜାତୀୟ ପ୍ରେସ ଦିବସ ପାଳିତ

ଖପ୍ରାଖୋଲ,୧୬।୧୧(ଡି.ଏନ.ଏ.)

ସ୍ଥାନୀୟ ବ୍ଲକ ସଭାଗୃହଠାରେ ପ୍ରେସ କ୍ଲବ ଆନୁକୂଲ୍ୟରେ ଜାତୀୟ ପ୍ରେସ ଦିବସ ବୁଧବାର ଦିନ ପାଳିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ସଦାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ଖପ୍ରାଖୋଲ ବିଡିଓ ରଶ୍ମିରଞ୍ଜନ ରାଉତ, ସମ୍ମାନିତ ଅତିଥି ଭାବେ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ, ଲାଠୋର ଥାନା ଆଇଆଇସି ଝାସକେତନ ଭୋଇ,ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଧିକାରୀ ଡ଼ା ସୁରଜ ଦୀପ, ହରିଶଙ୍କର ରେଞ୍ଜର ଗିରିଧାରୀ ନାଗ, ବ୍ଲକ କୃଷି ଅଧିକାରୀ ଡମ୍ବରୁଧର ମେହେର, ହରିଶଙ୍କର ସିଆରପିଏଫ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସତବିର ସିଂ, ଉପଖଣ୍ଡ ସାମ୍ବାଦିକ ସଂଘ ସଂପାଦକ ପ୍ରବୀଣ ପୁରୋହିତ ଯୋଗ ଦେଇଥିଲେ। ଏହି ଅବସରରେ ବକ୍ତାମାନେ ଗ୍ରାମୀଣ ବିକାଶରେ ଗଣମାଧ୍ୟମର ଭୂମିକା ଉପରେ ଆଲୋକପାତ କରିବା ସହ ସତ୍ୟ ଓ ନିରପେକ୍ଷ ଖବର ପରିବେଷଣ ଦ୍ୱାରା ଗ୍ରାମାଞ୍ଚଳର ବିକାଶ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଥାନା ଏସଆଇ ଗୋପୀନାଥ ମହାକୁଡ, ସହକାରୀ କୃଷି ଅଧିକାରୀ ସୁଜିତ ଭୋଇ, ବାନପାଳ ଅରବିନ୍ଦ ଧରୁଆ, ସୁଧୀର ଜେନା, ସନ୍ଧ୍ୟାରାଣୀ ସେଠୀ, ସରପଞ୍ଚ ସଂଘ ସଭାପତି ସୀମାଞ୍ଚଳ ପୁରୋହିତ, ଧଣ୍ଡାମୁଣ୍ଡା ସରପଞ୍ଚ ବୈଦ୍ୟନାଥ ମିଶ୍ର, ସତ୍ୟାନନ୍ଦ ସେହ୍ରିଆ, ଡ଼ା ସୁଜିତ କୁମାର ଶତପଥୀ, ଅଧ୍ୟାପକ ବଳଭଦ୍ର ଦାଶ, ସଦାଶିବ ସରାଫ,ଉମାକାନ୍ତ ପଧାନ, ତାପସ ରଞ୍ଜନ ବେହେରା, ମନୋଜ ଦାସ, ରାସବିହାରୀ ପଧାନ, କପିଳ ସୁନା, ସରୋଜ ମିଶ୍ର, ଅବିନାଶ ବିଶାଳ , ରୂପେନ୍ଦ୍ର ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସାମ୍ବାଦିକ ଅଭୟ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜ୍ୟୋତିରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଦେଶୀ ମଦ ଜବତ

ଗୁଡ଼ଭେଲା,୧୬।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅନ୍ତର୍ଗତ ରହେନମାଳ ଗ୍ରାମ ପାଖ ନିଛାଟିଆ ସ୍ଥାନରେ ତୁଷୁରା ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ବୁଧବାର ଚଢାଉ କରାଯାଇ ମାଟିତଳୁ ୮୦ଲିଟର ଦେଶୀମଦ ଜବତ କରାଯାଇଛି। ଏହାଛଡା ୧୫୩୦ କେଜି ମହୁଲ ପୋଚ ନଷ୍ଟ କରାଯାଇଥିବା ତୁଷୁରା ଅବକାରୀ ଅଧିକାରୀ ଅଲେଖ ପୁଟେଲ ପ୍ରକାଶ କରିଛନ୍ତି। ସେହିପରି ଉକ୍ତ ଗ୍ରାମର ଅଙ୍ଗନୱାଡି କେନ୍ଦ୍ର ପାଖରେ ରହୁଥିବା ରବୀନ୍ଦ୍ର କୁଅଁରଙ୍କ ଘରେ ଚଢାଉ କରାଯାଇ ୧୦ଲିଟର ଦେଶୀମଦ ଜବତ କରାଯାଇଛି। ଏହି ଘଟଣାରେ କୁଅଁରଙ୍କୁ ଗିରଫ କରାଯାଇଛି। ଏହି ଚଢାଉରେ ଏଏସଆଇ ଯୋଗେଶର ଧରୁଆ, ଏଏସଆଇ ଜେ.ଏନ.ଯୋଶୀ, ଆର୍ତ୍ତତ୍ରାଣ ବହିଦାର, ବିଭୂତି ଭୋଇ ଆଦି ସାମିଲ ଥିଲେ।

## ଆନ୍ତଃ ରାଜ୍ୟ ପ୍ରବାସୀ ଶ୍ରମିକ ସଚେତନତା ରଥର ଶୁଭାରମ୍ଭ

**ଟିଟିଲାଗଡ,୧୬।୧୧(ଡି.ଏନ.ଏ.):** ମଙ୍ଗଳବାର ଟିଟିଲାଗଡରେ ରାଜ୍ୟ ସରକାରଙ୍କ ଶ୍ରମ ବିଭାଗ ପକ୍ଷରୁ ଆନ୍ତଃ ରାଜ୍ୟ ପ୍ରବାସୀ ଶ୍ରମିକଙ୍କ ଉଦ୍ଦେଶ୍ୟରେ ଏକ ସଚେତନତା ରଥ ବାହାରିଛି । ସ୍ଥାନୀୟ ଉପ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଏହି ରଥର ଶୁଭାରମ୍ଭ କରିଛନ୍ତି। ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ଆଇନରେ ଥିବା ସୁବିଧା ସୁଯୋଗ ଓ ଅଧିକାର ସମ୍ବନ୍ଧରେ ଅବଗତ କରାଇବା ଉଦ୍ଦେଶ୍ୟ ନେଇ ଏହି ରଥ ଟିଟିଲାଗଡ ଉପଖଣ୍ଡ ଗସ୍ତ କରିବାକୁ ସ୍ଥିର କରାଯାଇଛି। ଠିକାଦାର ଦ୍ୱାରା କିମ୍ବା ନିଜ ଇଛାରେ ରାଜ୍ୟ ବାହାରକୁ ଯାଉଥିଲେ ସ୍ଥାନୀୟ ସରପଞ୍ଚଙ୍କୁ ଅବଗତ କରାଇବା ସହ କେବଳ ପଞ୍ଜୀକୃତ ଲାଇସେନ୍ସ ପ୍ରାପ୍ତ ଠିକାଦାରଙ୍କ ଠାରୁ ନିଜ ପରିଚୟପତ୍ର ପ୍ରାପ୍ତ କରି ରାଜ୍ୟ ବାହାରକୁ ଯିବାକୁ ପ୍ରବାସୀ ଶ୍ରମିକଙ୍କୁ ଶ୍ରମ ବିଭାଗ ପକ୍ଷରୁ ସଚେତନ କରାଯାଉଥିବା ବେଳେ ବିଭିନ୍ନ ସମୟରେ ଏହାର ବ୍ୟତିକ୍ରମ ଘଟୁଥିବା ଦେଖାଯାଉଛି। ଟିଟିଲାଗଡ ଉପଖଣ୍ଡ ଜିଲାର ଦାଦନ ପ୍ରବଣ ଅଞ୍ଚଳ ଭାବରେ ରାଜ୍ୟରେ ବେଶ ପରିଚିତ ଥିବା ବେଳେ ଏହି ଅଞ୍ଚଳରେ ଆନ୍ତଃ ରାଜ୍ୟ ପ୍ରବାସୀ ଶ୍ରମିକଙ୍କ ସଂଖ୍ୟା ଅଧିକ। ତେବେ ଏହି ରଥ ଆନ୍ତଃ ରାଜ୍ୟ ପ୍ରବାସୀ ଶ୍ରମିକଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ସହ ସହାୟକ ହୋଇପାରିବ ବୋଲି ଉପସ୍ଥିତ ଅଧିକାରୀ ଆଶା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରମ ଅଧିକାରୀ ସୁକାନ୍ତ ସେଠୀ,ଶ୍ରମ ନିରୀକ୍ଷକ ପ୍ରଶାନ୍ତ ସୁନା,ଲଳିତ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ବୁରୋଭାଡ଼ି ପାକ୍ସ ସମ୍ପାଦକ ସମ୍ମାନିତ

ଲୋଇସିଂହା,୧୬।୧୧(ଡି.ଏନ.ଏ.)

ଭୁବନେଶ୍ୱରସ୍ଥିତ ଉତ୍କଳ ମଣ୍ଡପଠାରେ ରାଜ୍ୟସ୍ତରୀୟ ସମବାୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଠାରେ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବୁରୋଭାଡି ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) ସମ୍ପାଦକ ପ୍ରତିମ ମିଶ୍ର ପୁରସ୍କୃତ ହୋଇଛନ୍ତି। ଉତ୍ସବରେ ଖାଦ୍ୟ ଓ ଯୋଗାଣ ଏବଂ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ତାଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଏହି ଅବସରରେ ବିଭାଗୀୟ ସଚିବ ସଞ୍ଜୀବ ଚଡା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ନଭେମ୍ବର ୨୦୨୧ରେ ବରଗଡ କୃତାର୍ଥ ଆଚାର୍ଯ୍ୟ ସେଣ୍ଟର ଅଫ୍ କୋଅପରେଟିଭ ମ୍ୟାନେଜମେଣ୍ଟ କେନ୍ଦ୍ରରେ ୨୦୨୧-୨୨ ବର୍ଷ ପାଇଁ ଡିପ୍ଲୋମା କୋ ଅପରେଟିଭ ମ୍ୟାନେଜମେଣ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ଏଥିରେ ୧୪ଟି ଜିଲାର ୪୮ ଜଣ ପାକ୍ସ ସମ୍ପାଦକ ଅଂଶଗ୍ରହଣ କରି ପରୀକ୍ଷା ଦେଇଥିଲେ । ଉକ୍ତ ପରୀକ୍ଷାରେ ବୁରୋଭାଡି ପାକ୍ସ ସମ୍ପାଦକ ମିଶ୍ର ଶ୍ରେଷ୍ଠତ୍ୱ ଲାଭ କରିଥିଲେ। ଏହି କାରଣରୁ ତାଙ୍କୁ ସମ୍ମାନିତ କରାଯାଇଥିବା ମିଶ୍ର କହିଛନ୍ତି। ଉଲ୍ଲେଖଯୋଗ୍ୟ, ମିଶ୍ର ବୁରୋଭାଡି ପାକ୍ସରେ ୨୦୧୪ରୁ ସମ୍ପାଦକ ଭାବେ କାର୍ଯ୍ୟ କରି ଆସୁଛନ୍ତି ।



ମୁଖ୍ୟଅତିଥି ବୁରୋଭାଡି ପାକ୍ସ ସମ୍ପାଦକଙ୍କୁ ପୁରସ୍କୃତ କରୁଛନ୍ତି ।

# ଜଳ, ଜଙ୍ଗଲ, ଜମି ପାଇଁ ଲଢ଼େଇ କରିବାକୁ ଆହ୍ୱାନ

### ବିର୍ସା ମୁଣ୍ଡା ଜୟନ୍ତୀ ପାଳିତ

ଲାଠୋର,୧୬।୧୧(ଡି.ଏନ.ଏ.)

ଧରତୀ ଆବ୍ବା ବୀର ବିର୍ସା ମୁଣ୍ଡାଙ୍କ ଦେଶପ୍ରେମ ଓ ତ୍ୟାଗର ପଟାନ୍ତର ନାହିଁ। ଦେଶ ପାଇଁ ଲଢେଇ କରି ଶେଷରେ ଇଂରେଜ ହାତରେ ଜୀବନ ବଳିଦାନ ଦେଇଥିବା ବିର୍ସା ମୁଣ୍ଡାଙ୍କ ଅଧୁରା ସ୍ୱପ୍ନ ଜଳ, ଜଙ୍ଗଲ, ଜମି ଓ ମା ମାଟିର ମୁକ୍ତି ପାଇଁ ଲଢେଇ କରିବାର ଏବେ ସମୟ ଆସିଛି ବୋଲି ଜୟନ୍ତୀ ସଭାରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ମୂଳନିବାସୀ ଛାତ୍ର ଓ ଯୁବ ସାମ୍ମୁଖ୍ୟ ରାଜ୍ୟ ଉପଦେଷ୍ଟା ମୁକେଶ ସୁନା ମତବ୍ୟକ୍ତ କରିଛନ୍ତି।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ମାଲପଡ଼ାଠାରେ ମଙ୍ଗଳବାର ରାତିରେ ମୂଳନିବାସୀ ଛାତ୍ର ଓ ଯୁବ ସାମ୍ମୁଖ୍ୟ, ଡାଇଜ ଯୁବ ଅନୁଷ୍ଠାନ, ସାବାସ ସାମାଜିକ ପରିବର୍ତ୍ତନ ସଂଗଠନ ଏବଂ ଗୋଣ୍ଡୱାନା ଛାତ୍ର ସଂଗଠନର ମିଳିତ ଆନୁକୂଲ୍ୟରେ ବିର୍ସା ମୁଣ୍ଡାଙ୍କ ୧୪୭ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ମାଲପଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଭୂଗୋଳ ବନଗୁଲାଙ୍କ


ବିର୍ସା ମୁଣ୍ଡା ଜୟନ୍ତୀ ଅବସରରେ ଅତିଥିମାନେ।

ସଭାପତିତ୍ୱରେ ଏକ ସଭା ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଖପ୍ରାଖୋଲ ରେଞ୍ଜର ଗିରିଧାରୀ ନାଗ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ବିପ୍ର ବିଶି, ଟିକେଶ୍ୱର ଧରୁଆ, ଧରମ ସିଂ ଧରୁଆ, ଯଦୁମଣି ବରିହା, ତୀର୍ଥ ଧରୁଆ, ଶଶିକାନ୍ତ ବିଶି, ଗୁପ୍ତେଶ୍ୱର କୁଅଁର,ବିଶ୍ୱହରି ପ୍ରସାଦ ନାଗ, ବିଦ୍ୟାଧର ଗୁର୍ଲା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ସୁନା ବିର୍ସା ମୁଣ୍ଡାଙ୍କ ଉପରେ ଆଲୋକପାତ କରି ଛାତ୍ରୀଛାତ୍ର ତଥା ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। ଡ଼ାଇଜ ଯୁବ ଅନୁଷ୍ଠାନର ସଭାପତି ତନ୍ତ୍ର ଧରୁଆ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗୋଲାପ ବିଶି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପରମେଶ୍ୱର ମାଝି, ଈଶ୍ୱର ମାଝି,ରତନ ଧରୁଆ, ରିଙ୍କୁ ମାଝି, ସୌମ୍ୟବର୍ଦ୍ଧନ ବାଗ, ଚନ୍ଦନ ଧରୁଆ, ବିକାଶ ଧରୁଆ, ଦିନେଶ ସୁନା, ଗୋପୀନାଥ ମାଝି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ସଂକ୍ଷେପରେ

### ରାଜସ୍ୱ ଅମଲା ସଂଘ ପକ୍ଷରୁ ବିକ୍ଷୋଭ

**ବୌଦ୍ଧ,୧୬।୧୧(ସ୍ୱ.ପ୍ର.):** ବୌଦ୍ଧ ଜିଲା ରାଜସ୍ୱ ଅମଲା ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ମଙ୍ଗଳବାର ଦିନ ବିକ୍ଷୋଭ ଶୋଭାଯାତ୍ରା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ରାଜସ୍ୱ ଅମଲା ସଂଘର ସଭାପତି ଶତ୍ରୁଜିତ ମହାପାତ୍ର ଓ ସାଧାରଣ ସମ୍ପାଦକ ସୁଦାମ ଚରଣ ମିଶ୍ରଙ୍କ ନେତୃତ୍ୱରେ ଶତାଧିକ ରାଜସ୍ୱ ଅମଲା ମାଉସୀ ମା' ମନ୍ଦିର ସମ୍ମୁଖରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସରକାର ତୁରନ୍ତ ରାଜସ୍ୱ ଅମଲାମାନଙ୍କ ନ୍ୟାର୍ଯ୍ୟ ଦାବି ପୂରଣ ନ କଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚେତାବନୀ ଦିଆଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଦାବିପତ୍ରକୁ ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା ଗ୍ରହଣ କରିଥିଲେ। ଏହି ବିକ୍ଷୋଭରେ ବିଭିନ୍ନ କାର୍ଯ୍ୟାଳୟର ଅମଲାମାନେ ଯୋଗ ଦେଇଥିଲେ।

### କୃଷି ବିଜ୍ଞାନ କେନ୍ଦ୍ରର ବୈଷୟିକ ଉପଦେଷ୍ଟା ମଣ୍ଡଳୀ ବୈଠକ

**ବଘିଆପଡା,୧୬।୧୧(ସ୍ୱ.ପ୍ର.):** କୃଷି ବିଜ୍ଞାନ କେନ୍ଦ୍ର ବୌଦ୍ଧର ୧୯ଜଣ ବୈଷୟିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଓୟୁଏଟିର ସଂପ୍ରସାରଣ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଶିବ ପ୍ରସାଦ ସଂଗ୍ରାମ ସିଂହ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରମୁଖ ବୈଜ୍ଞାନିକ କଲ୍ୟାଣ ସୁନ୍ଦର ଦାଶ ଆଭାସି ଜରିଆରେ ବିଭିନ୍ନ ପରାମର୍ଶ ଦେଇଥିଲେ। ବୌଦ୍ଧ ଜିଲାର ବିଭିନ୍ନ ସରକାରୀ ବିଭାଗର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଚାଷୀ ପ୍ରତିନିଧିମାନେ ସେମାନଙ୍କ ବକ୍ତବ୍ୟ ପ୍ରଦାନ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ତପନ ଦାସ ବିଗତ ବର୍ଷରେ ହୋଇଥିବା ଓ ଆଗାମୀ ବର୍ଷ ହେବାକୁ ଥିବା ତାଲିମ,ପ୍ରଦର୍ଶନୀ ଓ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଗୋଟିଏ ସମାଚାର ପତ୍ର ଓ ଦୁଇଟି କୃଷି ଭିତ୍ତିକ ପୁସ୍ତିକାର ଉନ୍ମୋଚନ କରାଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସୁସ୍ମିତା ପ୍ରିୟଦର୍ଶିନୀ,ମୟୁରୀ ସିଂହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ କୃଷି ବିଜ୍ଞାନ କେନ୍ଦ୍ରର ସହକର୍ମୀ ବିକ୍ରମ କେଶରୀ ପରମାଣିକ ଧନ୍ୟବାଦ ଦେଇଥିଲେ।

### ଅଡିଶନ ଟେଷ୍ଟରେ ଭାଗ ନେଲେ ୫୨୮ କଳାକାର

**ଅମରପାଲି,୧୬।୧୧(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କଲ୍ୟାଣମଣ୍ଡପଠାରେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ପାଇଁ କଳାକାର ଚୟନ ଶିବିରରେ ଅଡିସନ ଟେଷ୍ଟ ଅନୁଷ୍ଠିତ ହୋଇଯାଇଛି । ବୀରମହାରାଜପୁର ବିଡ଼ିଓ ମୋତିଲାଲ ସୁଲିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବୀରମହାରାଜପୁର ବ୍ଲକ ଉପାଧକ୍ଷ ନାରାୟଣ ଲୁହା, ଅତିରିକ୍ତ ବିଡ଼ିଓ ପୁରୁଷୋତ୍ତମ ଧରୁଆ ଯୋଗ ଦେଇଥିଲେ। କଳାକାର ଅଡିସନ ଟେଷ୍ଟରେ ବ୍ଲକ କଳାକାର ସାଂସ୍କୃତିକ ସଂଘର ଉପସଭାପତି ତଥା ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ରାମକୃଷ୍ଣ ହୋତା, ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ଭୂଷଣ କୁମାର ପାତ୍ର, ଗୁରୁ ହୃଷୀକେଶ ଦାସ ପ୍ରମୁଖ ବିଚାରକ ଭାବରେ ଯୋଗ ଦେଇଥିଲେ । ଏହି ଚୟନ କାର୍ଯ୍ୟକ୍ରମରେ ଦଣ୍ଡ,ପାଲା,ଦାସକାଠିଆ ,ସଙ୍କୀର୍ତ୍ତନ୍ୟ ଆଦି ବିଭିନ୍ନ ବିଭାଗରେ ୫୨୮ଜଣ କଳାକାର ଅଂଶଗ୍ରହଣ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଞ୍ଜୁଲତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଶିଶୁ ପତ୍ରିକା ପୁଲକର ସ୍ୱନକ୍ଷତ୍ର ଦିବସ ପାଳିତ

**ସୋନପୁର,୧୬।୧୧(ନି.ପ୍ର.):** ସୋନପୁରସ୍ଥିତ ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ରରେ ତ୍ରୟମାସିକ ଶିଶୁ ପତ୍ରିକା ପୁଲକର ସ୍ୱନକ୍ଷତ୍ର ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ସଭାରେ ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ଅଧାପିକା ତଥା ସୁବର୍ଣା ନାରୀ ଜାଗରଣ କେନ୍ଦ୍ରର ସଭାନେତ୍ରୀ ମୀନା ମହାରଣା, ସମ୍ମାନିତ ଅତିଥି ମଞ୍ଜୁଲତା ମିଶ୍ର, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଯୋଗୀନ୍ଦ୍ର ପ୍ରସାଦ ପଣ୍ଡା ଏବଂ ପତ୍ରିକାର ସମ୍ପାଦକ ରାଜୀବ କୁମାର ନାୟକ ମଞ୍ଚସୀନ ଥିଲେ। ଏହି ସଭାରେ ଶିଶୁ ଲେଖକ ଓ ଶିଶୁମାନଙ୍କୁ ଭଲ ପାଉଥିବା ବ୍ୟକ୍ତିମାନେ ଯୋଗଦେଇ ପତ୍ରିକା ସମ୍ପର୍କରେ ନିଜ ନିଜର ସୁଚିନ୍ତିତ ମତ ରଖିଥିଲେ। ସଭାରେ ସୁରଥ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରି ମଞ୍ଚ ସଞ୍ଚାଳନ କରିଥିବା ବେଳେ ସମ୍ପାଦନା ମଣ୍ଡଳୀର ଅନ୍ୟତମ ସଦସ୍ୟ ଅବକାଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଆନ୍ଦୋଳନକାରୀ-ପ୍ରଶାସନ ମୁହାଁମୁହିଁ

■ପୋଲିସ ସହାୟତାରେ ପଥରକ୍ୱାରୀକୁ ଭାରିଯାନ ପ୍ରବେଶ ଉଦ୍ୟମ ବିଫଳ

■କ୍ରସର, ପଥରକ୍ୱାରୀ ଚାଲିବା ନିଷ୍ପତ୍ତିକୁ ବିରୋଧକରି ଆନ୍ଦୋଳନ ଜାରି

**ବୌଦ୍ଧ,୧୬।୧୧(ସ୍ୱ.ପ୍ର.)**



ପ୍ରଶାସନ ପକ୍ଷରୁ କ୍ରସର ଭିତରକୁ ଗାଡି ନେବାକୁ ପ୍ରୟାସ କରୁଥିବା ବେଳେ ଗ୍ରାମବାସୀ ବିରୋଧ କରୁଛନ୍ତି।

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଖରଭୂଇଁ ଠାରେ କ୍ରସର ଓ ପଥରକ୍ୱାରୀ ଚାଲିବାକୁ ପ୍ରଶାସନର ପୁନଃ ନିଷ୍ପତିକୁ ଗ୍ରାମବାସୀ ଘୋର ବିରୋଧ କରିବା ସହ ଦୀର୍ଘ ୧୬ ଦିନ ସରାଡିଖୋଲ ରାସ୍ତାରେ ଧାରଣାରେ ବସିଛନ୍ତି। କ୍ରସର ଆନ୍ଦୋଳନର ମୁଖ୍ୟ ନେତା ଅବକାଶ ସାହୁଙ୍କୁ ଗତ ୧୫ ତାରିଖରେ ହରଭଙ୍ଗା ପୋଲିସ କ୍ରସର କରିଥିବା ବେସରକାରୀ ଠିକା ସଂସ୍ଥାଠାରୁ ବେଆଇନ ଭାବେ ଚାନ୍ଦା ନେଉଥିବା ଅଭିଯୋଗରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅବକାଶ ସାହୁଙ୍କୁ ଗିରଫ ବେଆଇନ ଓ କ୍ରସର ବନ୍ଦ କରିବାକୁ ଆନ୍ଦୋଳନ ଯୋଗୁ ପୋଲିସ ମିଥ୍ୟା କେସରେ ତାଙ୍କୁ ଗିରଫ କରିଥିବା ଗ୍ରାମବାସୀ କହିଛନ୍ତି। ଏହାକୁ ନେଇ ଗ୍ରାମବାସୀ ନଛୋଡବନ୍ଧା ହେବା ସହ ଆନ୍ଦୋଳନକୁ ତ୍ରୀବତର କରିବା ସହ ଅଞ୍ଚଳ ଏକ ପ୍ରକାର ଅଶାନ୍ତ ହୋଇପଡିଛି। କିନ୍ତୁ ଏପଟେ ଆନ୍ଦୋଳନରତ ନେତାଙ୍କୁ ପୋଲିସ ଗିରଫ କରିବା ପରେ ଏହାର ସୁଯୋଗ ନେଇ ଜିଲା ପ୍ରଶାସନ ପୋଲିସ ସୁରକ୍ଷା ବଳୟ ମଧ୍ୟରେ ସମ୍ପୃକ୍ତ ଠିକା ସଂସ୍ଥା ପଥରକ୍ୱାରୀ ମଧ୍ୟକୁ ଜେସିବି ମେଶିନ ଓ ହାଇୱା ଗାଡିଗୁଡିକୁ ପ୍ରବେଶ କରିବା ପାଇଁ ଉଦ୍ୟମ ଜାରି ରଖିଥିବା ଦେଖିବାକୁ ମିଳିଛି। ମାତ୍ର ନେତାଙ୍କ ଗିରଫଦାରି ସହିତ ଗିରଫ ଭୟରେ ପୁରୁଷ ଶୁନ୍ୟ ହୋଇପଡିଥିବାବେଳେ ଗାଁର ମହିଳା ଓ ଛୋଟ ଛୋଟ ଶିଶୁ ଛାତ୍ରମାନେ କାର୍ଯ୍ୟାନୁଷ୍ଠାନକୁ ଭ୍ରୂକ୍ଷେପ ନ କରି ଭିଟାମାଟିର ସୁରକ୍ଷା ପାଇଁ ଜେସିବି ମେସିନ ଓ ହାଇୱା ଆଗକୁ ଆସି ରାସ୍ତା ଅବରୋଧ କରିଛନ୍ତି। ଫଳରେ ପ୍ରଶାସନ ଓ ଆନ୍ଦୋଳନକାରୀ ଏକ ପ୍ରକାର ମୁହାଁମୁହଁ ହେବା ସହ ଅଞ୍ଚଳ ଅଶାନ୍ତ ହୋଇପଡିଛି। ଆନ୍ଦୋଳନକାରୀଙ୍କ କହିବା ଅନୁସାରେ ଖରଭୂଇଁ ଅଞ୍ଚଳରେ ଥିବା କ୍ରସର ଓ ପଥରକ୍ୱାରୀକୁ କୌଣସି ମତେ ଚଳାଇ ଦେବେନାହିଁ। ଏହା ଦ୍ୱାରା ଅଞ୍ଚଳର ପରିବେଶ ନଷ୍ଟ ହେବା ସହିତ ଚାଷ ନଷ୍ଟ ହେଉଛି। ଏହା ସହ ଜଙ୍ଗଲ ସମ୍ପଦ ନଷ୍ଟ ହେବା ସହ ବହୁ ସଂଖ୍ୟାରେ ଗଛ ନଷ୍ଟ ହେଉଛି। କିନ୍ତୁ ପ୍ରଶାସନ ସ୍ଥାନୀୟ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ନ ଦେଇ ପଥର ମାଫିଆଙ୍କ ହାତବାରିଶି ସାଜି ଗରିବ ଲୋକଙ୍କ ନାମରେ ମିଥ୍ୟା ମାମଲା ଲଦି ସେମାନଙ୍କୁ ହଇରାଣ କରି କ୍ରସର ଚଳାଇବାକୁ ଉଦ୍ୟମ କରୁଛି। କିନ୍ତୁ ଲୋକମାନେ ନିଜର ଜୀବନ ଜୀବିକା ପାଇଁ ଯେତେ ମିଥ୍ୟା ମାମଲା କଲେ ମଧ୍ୟ ଆଦୌ ଆନ୍ଦୋଳନରୁ ଓହରିବୁ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ବର୍ତ୍ତମାନ ପୋଲିସ ପ୍ରଶାସନ ଓ ଆନ୍ଦୋଳନକାରୀ ମୁହାଁମୁହିଁ ପରିସ୍ଥିତିରେ ଥିବାରୁ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା କରାଯାଉଛି।

## ରାଷ୍ଟ୍ର ଗଠନରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ





ଜିଲାସ୍ତରୀୟ ପ୍ରେସ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ।

**ସୋନପୁର,୧୬।୧୦(ନି.ପ୍ର.)**

ସୁବର୍ଣ୍ଣପୁରରେ ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ସୁବର୍ଣ୍ଣପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସାମ୍ବାଦିକ ସଂଘର ସଭାପତି ଗୋରେଖନାଥ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନା ସଭାରେ ଜିଲାପାଳ ଅବୋଲି ସୁନିଲ ନରୱଣେ ମୁଖ୍ୟଅତିଥି ଭାବରେ ଯୋଗଦେଇ ରାଷ୍ଟ୍ର ଗଠନରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଜିଲାପାଳ ଆହୁରି କହିଥିଲେ ଯେ ଖବରଦାତାମାନେ ସମାଜର ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରୁଛନ୍ତି। ପ୍ରଶାସନ ଓ ସରକାରଙ୍କ ଦୋଷ ତ୍ରୁଟିକୁ ସେମାନେ ସର୍ବସମ୍ମୁଖକୁ ଆଣୁଛନ୍ତି। ଭାରତର ଗଣତନ୍ତ୍ର ସୁଦୃଢ ହେବାରେ ଗଣମାଧ୍ୟମର ବଡ ଭୂମିକା ରହିଛି। ଏସ୍‌ପି ଅମରେଶ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦେଶର ସ୍ୱାଧୀନତା ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ସମୟରେ ଗଣମାଧ୍ୟମର କାର୍ଯ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ନିଶି ପୁନମ ମିଞ୍ଜ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର ପ୍ରମୁଖ ଯୋଗଦେଇ କହିଥିଲେ ଯେ, ତୃଣମୂଳସ୍ତରରେ ଖବର ସଂଗ୍ରହ କରିବା ଓ ସତ୍ୟ ଖବର ଲୋକଙ୍କ ନିକଟରେ ପହଞ୍ଚାଇବା ଆଜିର ଦିନରେ ଏକ ଆହ୍ୱାନ। ଖବରଦାତାମାନେ କଷ୍ଟ ସ୍ୱୀକାର କରି ନିଷ୍ଠାର ସହ ଏହି କାର୍ଯ୍ୟ କରି ଆସୁଛନ୍ତି ବୋଲି କହିଥିଲେ। ସୋନପୁର ତହସିଲଦାର ନବୀନ କିଶୋର ପାଢୀ, ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ ବିଭୁ ପ୍ରସାଦ ପଣ୍ଡାଙ୍କ ସମେତ ଖବରଦାତା ସ୍ୱାଧୀନ କୁମାର ମେହେର, ମୃତ୍ୟୁଞ୍ଜୟ ଶତପଥୀ, ରତନ କୁମାର ପଟ୍ଟନାୟକ, ପର୍ଶୁରାମ ମିଶ୍ର, ରବୀନ୍ଦ୍ର ହୋତା, ଧରଣୀଧର ମିଶ୍ର, ନବ କୁମାର ମିଶ୍ର, ମାନଭଞ୍ଜନ ମିଶ୍ର, ଅଶୋକ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାପତି ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଜିଲାପାଳ ନରୱଣେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଜିଲା ଗ୍ରନ୍ଥାଳୟର ମେମ୍ବର ସିପ୍ କାର୍ଡ ବଣ୍ଟନ କରିଥିଲେ।

## ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରାଯାଉ

**ତରଭା,୧୬।୧୧(ଡି.ଏନ.ଏ.)**

ଗ୍ରାମାଞ୍ଚଳରେ କାର୍ଯ୍ୟରତ ସାମ୍ବାଦିକଙ୍କ ସ୍ୱାର୍ଥ ପ୍ରତି ମିଡିଆ ମାଲିକ କିମ୍ବା ସରକାର କେହି ଗୁରୁତ୍ୱ ଦେଉନାହାନ୍ତି। ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିବା ସାମ୍ବାଦିକଙ୍କ ପାଇଁ ସାମ୍ବାଦିକ କଲ୍ୟାଣ ପାଣ୍ଠି ଗଠନ ସହ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରାଯାଉ ବୋଲି ତରଭାରେ ଅନୁଷ୍ଠିତ ଜାତୀୟ ପ୍ରେସ ଦିବସ ପାଳନ ଅବସରରେ ମତ ପ୍ରକାଶ ପାଇଥିଲା। ତରଭା ବ୍ଲକ ସାମ୍ବାଦିକ ସଂଘର ସଭାପତି ଅଶୋକ ସାହୁଙ୍କ ଅଧକ୍ଷତାରେ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ବୈଠକରେ ବିଡ଼ିଓ ବିନୟ ପଟେଲ ମୁଖ୍ୟଅତିଥି ,ତରଭା ଏଇଏସ କଲେଜ ଲାଇବ୍ରେରିଆନ ଦେବେନ୍ଦ୍ର ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦିବସର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ସଂଘର ସମ୍ପାଦକ ମାନଭଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପ ସଭାପତି ରାଜକୁମାର ମାହାଣା,ସାମ୍ବାଦିକ କପିଳାସ ସେଠ, ଅକ୍ଷୟ ବାଘ, ନରୋତ୍ତମ ମଲ୍ଲିକ, ରାମଚନ୍ଦ୍ର ପୂଝାରୀ, ଅନ୍ତର୍ଯ୍ୟାମୀ ସାହୁ, କଲ୍ୟାଣ ନାଏକ, ମନୋଜ ମନହୀରା ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ଅନ୍ତର୍ଯ୍ୟାମୀ ସାହୁ ଧନ୍ୟବାଦ ଦେଇଥିଲେ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ଗତି



@ କଲ୍ୟାଣୀ



@ ନିଶିକାନ୍ତ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବୌଦ୍ଧ ସମବାୟ ବ୍ୟାଙ୍କ ନିର୍ବାଚନ, ଅରୁଣ ସଭାପତି

**ବୌଦ୍ଧ,୧୬।୧୧(ସ୍ୱ.ପ୍ର.)**

ବୁଧବାର ବୌଦ୍ଧ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ସଭାପତି ପଦବୀ ନିର୍ବାଚନ ଶେଷ ହୋଇଛି। ନିର୍ବାଚନରେ ଅରୁଣ କୁମାର ପ୍ରଧାନ ସଭାପତି ନିର୍ବାଚନରେ ବିଜୟୀ ହୋଇଛନ୍ତି। ବ୍ୟାଙ୍କ ସଭାପତି ପଦବୀ ପାଇଁ ବୌଦ୍ଧ ଓ କନ୍ଧମାଳ ଜିଲାର ୧୫ଟି ଜୋନରୁ ୧୫ଜଣ ନିର୍ଦ୍ଦେଶକ ଶାସକ ଦଳର ସର୍ମଥନରେ ନିର୍ବାଚିତ ହୋଇଥିଲେ। ସମସ୍ତ ନିର୍ଦ୍ଦେଶକ ଶାସକ ଦଳର ସମର୍ଥିତରୁ ନିର୍ବାଚିତ ହୋଇଥିବାବେଳେ କିନ୍ତୁ ସଭାପତି ପଦ ପାଇଁ ଦଳର ଏକାଧିକ ଆଶାୟୀ ଥିଲେ। ଏକାଧିକ ଆଶାୟୀ ଯୋଗୁ ଦଳର ଛାମୁଆ ନେତାଙ୍କ ଚିନ୍ତା ବଢିଯାଇଥିଲା। କିନ୍ତୁ ଦଳର ଛାମୁଆ ନେତାଙ୍କ ହସ୍ତକ୍ଷେପ ପରେ ବିଜେଡିର ସହମତି ହୋଇଥିଲା। ୧୧ ତାରିଖ ସଭାପତି ପଦବୀ ପାଇଁ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଥିବାବେଳେ ଚିରାଚରିତ ଢଙ୍ଗରେ ଦଳର ନିଷ୍ପତି କହି ମୁଖ୍ୟମନ୍ତ୍ରୀଙ୍କ ଲଫାପା ଖୋଲାଯାଇ କିଶୋର କୁମାର ମେହେରଙ୍କୁ ଦଳ ପକ୍ଷରୁ ସଭାପତି ପଦବୀ ପାଇଁ ପ୍ରାର୍ଥୀ କରାଯିବା ନେଇ ଦଳୀୟ ଜିଲା ପର୍ଯ୍ୟବେକ୍ଷକ ଘୋଷଣା କରିଥିଲେ। ଦଳ ନିଷ୍ପତି ଘୋଷଣା ହେବାପରେ କନ୍ଧମାଳ ଜିଲାର ସହପର୍ଯ୍ୟବେକ୍ଷକ କିଶୋର କୁମାର ମେହେର ବୌଦ୍ଧ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ସଭାପତି ହେବା ନେଇ ଏକପ୍ରକାର ନିଶ୍ଚିତ ହୋଇସାରିଥିବା କୁହାଯାଉଥିଲେ ସେ ସଭାପତି ପାଇଁ ନାମାଙ୍କନ ଦାଖଲ କରିଥିଲେ । କିନ୍ତୁ ଏପଟେ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଭାବରେ ନିର୍ବାଚିତ ହୋଇଥିବା ସରସରା ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ଅରୁଣ କୁମାର ପ୍ରଧାନ ସଭାପତି ପଦବୀ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଦଳ ପକ୍ଷରୁ କିଶୋର ମେହେରଙ୍କୁ ବ୍ୟାଙ୍କ ସଭାପତି ପ୍ରାର୍ଥୀ କରାଇ ଶାସକଦଳ ସାଙ୍ଗଠନିକ ଶକ୍ତି ପ୍ରଦର୍ଶନ ପାଇଁ ଯୋଜନା କରୁଥିବାବେଳେ କିନ୍ତୁ ଦଳ ନିଷ୍ପତି ବିରୋଧରେ ଅରୁଣ ପ୍ରଧାନ ନାମାଙ୍କନ ଦାଖଲ କରିଥିଲେ। ଫଳରେ ଜିଲାରେ ବିଜେଡିରେ ଫାଟ ଦେଖାଦେଇଥିଲା। ସେ ଯାହା ହେଉ ଶାସକ ଦଳ ଦେଇଥିବା ପ୍ରାର୍ଥୀ କିଶୋର ମେହେର ଜିତିବା ନେଇ ଆଶାବାଦୀ ଥିବା ବେଳେ କିନ୍ତୁ ବୁଧବାର ବ୍ୟାଙ୍କ ପରିସରରେ ହୋଇଥିବା ନିର୍ବାଚନ ଶାସକ ଦଳର ସବୁ ଅଙ୍କ ଫେଲ ହାଇଯାଇଥିବା । ଏହି ନିର୍ବାଚନରେ କେବଳ ୧୫ ଜଣ ନିର୍ଦ୍ଦେଶକ ନିଜର ମତଦାନ ଦେବାର ଥିବାବେଳେ ଜଣେ ନିର୍ଦ୍ଦେଶକ ମତଦାନ କରିବାକୁ ଆସି ନ ଥିଲେ। ୧୪ଜଣ ନିର୍ଦ୍ଦେଶକ ନିଜର ମତ ସାବ୍ୟସ୍ତ କରିଥିଲେ। ଏଥିରେ ଉଭୟ ପ୍ରାର୍ଥୀ ୭ଖଣ୍ଡ ଲେଖାଏଁ ଭୋଟ ପାଇ ସମାନ ସମାନ ସ୍ଥିତିରେ ରହିଥିଲେ। ସମାନ ସ୍ଥିତିରେ ରହିବା ପରେ ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀ ଧର୍ମଗୁଳାର ସାହାଯ୍ୟ ନେଇଥିଲେ। ଧର୍ମଗୁଳାରେ ଅରୁଣ କୁମାର ପ୍ରଧାନ ବିଜୟୀ ହୋଇ ବୌଦ୍ଧ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଭାବେ ନିର୍ବାଚିତ ହୋଇଥିଲେ।

## କୃଷି କ୍ଷେତ୍ରରେ ନୂତନ ଜ୍ଞାନ କୌଶଳ ପ୍ରୟୋଗକୁ ଗୁରୁତ୍ୱ





ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକରେ ମଞ୍ଚାସୀନ ଅତିଥି ବୃନ୍ଦ।

**ସୋନପୁର,୧୬।୧୧(ନି.ପ୍ର.)**

### ୧୯ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ

ସୋନପୁର କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ୧୯ ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ସମ୍ପ୍ରସାରଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡ. ଶିବ ପ୍ରସାଦ ସଂଗ୍ରାମ ସିଂହ ସଭାପତିତ୍ୱ କରିଥିଲେ। ଭାରତୀୟ କୃଷି ଓ ଅନୁସନ୍ଧାନ ପରିଷଦ(ଆଟାରି) କଲିକତା ଜୋନ ୫ର ପ୍ରମୁଖ ବୈଜ୍ଞାନିକ ଡ. ଏଫ ଏଚ ରହମାନ, ଭୁବନେଶ୍ୱରର ଭାରତୀୟ ଜଳ ପରିଚାଳନା ସଂସ୍ଥାନର ପ୍ରମୁଖ ବୈଜ୍ଞାନିକ ଡ. ପ୍ରମୋଦ କୁମାର ପଣ୍ଡା, ଭୁବନେଶ୍ୱରର କେନ୍ଦ୍ରୀୟ ଉଦ୍ୟାନ ପରୀକ୍ଷା କେନ୍ଦ୍ରର ପ୍ରମୁଖ ବୈଜ୍ଞାନିକ ଡ. କୁନ୍ଦନ କିଶୋର ଓ ଚିପିଲିମା ରିଜିଓନାଲ ରିସର୍ଚ୍ଚ ଏଣ୍ଡ ଟେକ୍ନୋଲୋଜି ଟ୍ରାନ୍ସଫର ଷ୍ଟେଶନ(ଆରଆରଟିଟିଏସ)ର ଅତିରିକ୍ତ ଗବେଷଣା ନିର୍ଦ୍ଦେଶକ ଡ. ସଞ୍ଜୁକ୍ତା ମହାପାତ୍ର ଅନ୍‌ଲାଇନ ମାଧ୍ୟମରେ ଏହି ବୈଠକରେ ଯୋଡି ହୋଇଥିଲେ । ଏଥିସହିତ ନାବାର୍ଡର ଡିଡିଏମ ତାପସ ଶଙ୍କର ରାଉତ, ଅତିରିକ୍ତ ଜିଲା କୃଷି ଅଧିକାରୀ ଡ. ବିଭୁତି ଭୂଷଣ ମିଶ୍ର, ମୃର୍ତ୍ତିକା ସଂରକ୍ଷଣ ବିଭାଗର ଉପ ନିର୍ଦ୍ଦେଶକ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଜଳଛାୟା ବିଭାଗ ରମେଶ ଚନ୍ଦ୍ର ଦେହୁରୀ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଅନନ୍ତ ପ୍ରସାଦ ପଣ୍ଡା, ଜିଲା ମତ୍ସ୍ୟ ଅଧିକାରୀ ପ୍ରସନ୍ନ ପଟ୍ଟନାୟକ, ସୋନପୁର ସହକାରୀ ଉଦ୍ୟାନ କୃଷି ଅଧିକାରୀ ହୃଷିକେଶ ଦାସ, ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ବଳଭଦ୍ର ନାଏକ ପ୍ରମୁଖ ଯୋଗଦାନ କରିଥିଲେ। କୃଷି କ୍ଷେତ୍ରରେ ନୂତନ ଜ୍ଞାନ କୌଶଳର ପ୍ରୟୋଗ ଉପରେ ମୁଖ୍ୟଅତିଥି ଡ. ରହମାନ ଗୁରୁତ୍ୱାରୋପ କରିଥିଲେ । ଚାଷ କ୍ଷେତ୍ରରେ ଉପୁଜୁଥିବା ପ୍ରକୃତ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ନୂତନ ଜ୍ଞାନ କୌଶଳର ବ୍ୟବହାର କରି ବ୍ୟବସାୟିକ ଭିତ୍ତିରେ ଚାଷ କରିବାକୁ ବୈଜ୍ଞାନିକମାନେ ପ୍ରୟାସ କରନ୍ତୁ ବୋଲି ମୁଖ୍ୟଅତିଥି ଆହ୍ୱାନ ଦେଇଥିଲେ। ଜିଲାରେ ବିଭିନ୍ନ ବେସରକାରୀ ନର୍ସରୀ ଚାଷୀମାନଙ୍କ ଦ୍ୱାରା ସ୍ଥାପନ କରିବା ଲାଗି ନାବାର୍ଡ ଡିଜିଏମ୍ ପ୍ରସ୍ତାବ ରଖିଥିଲେ। କୃଷି ଓ କୃଷି ଆନୁସଙ୍ଗିକ କ୍ଷେତ୍ରରେ ବିଭିନ୍ନ ତାଲିମ ଯଥା ଫୁଲ ଚାଷ, ଛତୁ ଚାଷ, ତୈଳବୀଜ ଚାଷ, ସମନ୍ୱିତ କୃଷି, ବାଡି ଅଗଣାରେ କୁକୁଡା ଚାଷ, ଛେଳି ଚାଷ, ମସଲା ଜାତୀୟ ଚାଷ କରିବା ଲାଗି ଅତିଥିମାନେ ମତପ୍ରକାଶ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ବିଶ୍ୱ ରଞ୍ଜନ ପଟ୍ଟନାୟକ ସୋନପୁର କେଭିକେରେ ବିଗତ ବର୍ଷରେ ହୋଇଥିବା କାର୍ଯ୍ୟକ୍ରମ ଓ ୨୦୨୨-୨୩ ବର୍ଷର କାର୍ଯ୍ୟଖସଡା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ଜ୍ଞାନ ସନ୍ଦର୍ଭ ପୁସ୍ତିକା ଯଥା ଜୈବିକ କୃଷି, ଛତୁ ମଞ୍ଜି ଉତ୍ପାଦନ, ବ୍ୟବସାୟିକ ଭିତ୍ତିରେ ଔଷଧୀୟ ବୃକ୍ଷ ଚାଷ, କୋବି ଫସଲରେ ରୋଗ ପୋକ ପରିଚାଳନା ତଥା ଷାଣ୍ମାଷିକ ସମାଚାର ପତ୍ରିକା ସୁବର୍ଣ୍ଣା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ବୈଜ୍ଞାନିକ ଡ. ସୁରଜ୍ୟୋତି ପ୍ରଧାନ ପରିଚାଳନା କରିଥିଲେ। ବୈଜ୍ଞାନିକ ଗୀତାଞ୍ଜଳି ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ଆଗୁଆ ଚାଷୀ ଉପସ୍ଥିତ ଥିଲେ। ବୈଜ୍ଞାନିକ ତ୍ରିନାଥ ଖଣ୍ଡାୟତରାୟ, ବୈଜ୍ଞାନିକ ସୁପ୍ରଭା ସେଠୀ ଓ କାର୍ଯ୍ୟକ୍ରମ ସହାୟିକା ଲୋପାମୁଦ୍ରା ରାୟ, କ୍ଷେତ୍ର ପରିଚାଳକ ମୟଙ୍କ ଅଧିକାରୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

**ସାଇକେଲ ଷ୍ଟାଣ୍ଡ, ବୈଠକ ଗୃହ ଉଦ୍‌ଘାଟିତ**

ଖଡ଼ିଆଳ,(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ସାଇକେଲ ଷ୍ଟାଣ୍ଡ ଓ ବୈଠକ ଗୃହ ଉଦଘାଟିତ ହୋଇଯାଇଛି। ଉଦ୍‌ଘାଟନୀରେ ମୁଖ୍ୟଅତିଥି ଭାବରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦେଇ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଖଡ଼ିଆଳ ଏନ୍‌ଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା, ଜିଲା ମହିଳା ସଭାନେତ୍ରୀ ସରସ୍ୱତୀ ବାଗ, ବିଇଓ ନକୁଳ ଶବର, ଏବିଇଓ ମୋତିଲାଲ ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ସନ୍ତୋସିନୀ ସଲମାଙ୍କ ସମେତ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ନୂଆପଡ଼ା ଅଫିସ,୧୬।୧୧: ନୂଆପଡା ଜିଲା କୋମନା ବ୍ଲକ ଅଧୀନ ଲଖନା ଥାନା ଅନ୍ତର୍ଗତ ବଙ୍ଗାମୁଣ୍ଡା ନିକଟରେ ଏକ ସଡକ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମୃତକ ହେଲେ କୋମନା ଥାନା ସିଆଲଲଟି ଗାଁର ସର୍କୀରତନ ଝାରମାଝି (୪୫)। ସୂଚନା ମୁତାବକ କୋମନା ଥାନା ସିଆଲଲଟି ଗାଁର ସର୍କୀରତନ ଓ ଯୁଧିଷ୍ଠିର ରଣା (୪୦) ବାଇକ୍ (ନଂ.ଓଡି୨୬ବି -୩୦୬୦)ରେ ଲଖନା ପଟୁ ବରଗଡ ଜିଲା ଢେଙ୍କିମୁଣ୍ଡା ଗାଁକୁ ଯାଉଥିଲେ। ବିପରିତ ଦିଗରୁ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ (ନଂ. ଓଡି୦୮ଆର ୪୫୪୦) ବାଇକ୍‌କୁ ସାମ୍ନା ପଟୁ ଧକ୍କା ଦେଇଥିଲା। ବାଇକ୍ ଆରୋହୀ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିଲେ। ଲଖନା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଯୁଧିଷ୍ଠିରଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ମୃତଦେହ ଜବତ କରି ବ୍ୟାବଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ନିକଟସ୍ଥ ଡଙ୍ଗରପଡା ଜଙ୍ଗଲରୁ ଗାଡି ଜବତ କରିଥିବା ବେଳେ ଚାଳକ ଫେରାର ହୋଇଯାଇଛି। ଲଖନା ଥାନାରେ ଏକ ମାମଲା (ନଂ. ୮୬/୨୨) ରୁଜୁ କରି ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ଗୁରୁଦେବ କର୍ମୀ ସୂଚନା ଦେଇଛନ୍ତି।

### ରାଜ୍ୟ ଯୁବ ଉପସଭାପତି ମହମ୍ମଦ ସାହେବ ପୁରସ୍କୃତ

**ଦିଲ୍ଲୀରେ ଯୁବ କଂଗ୍ରେସର ୟଙ୍ଗ ଇଣ୍ଡିଆ କେବୋଲ କାର୍ଯ୍ୟକ୍ରମ**

ଭବାନୀପାଟଣା,୧୬।୧୧(ସ୍ୱ.ପ୍ର.): ଦିଲ୍ଲୀରେ ଗତ ୩ଦିନ ଧରି ଯୁବ କଂଗ୍ରେସର ୟଙ୍ଗ ଇଣ୍ଡିଆ କେବୋଲ (ଗ୍ରେଣ୍ଡ ଫାଇନାଲ ସିଜନ-୨) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ନିଜ ଅଭିଭାଷଣ ଓ ଦକ୍ଷତା ମାଧମରେ ଦଳୀୟ ନେତାଙ୍କୁ ଆକର୍ଷଣୀୟ କରିଥିବା ରାଜ୍ୟ ଯୁବ କଂଗ୍ରେସ ଉପସଭାପତି ମହମ୍ମଦ ସାହେବଙ୍କୁ ପୁରସ୍କୃତ କରାଯାଇଛି। ତାଙ୍କୁ ରାଷ୍ଟ୍ରୀୟ ପ୍ରଭାରୀ କ୍ରୀଷ୍ଣା ଆଲାରୀ ଯୋଗଦେଇ ମାନପତ୍ର ଓ ଟ୍ରଫି ସହ ପୁରସ୍କୃତ କରିଥିଲେ। ଏହି ସଫଳତାକୁ ନେଇ କଳାହାଣ୍ଡି ଜିଲା କଂଗ୍ରେସ ମହଲରେ ଖୁସିର ଲହରି ଦେଖିବାକୁ ମିଳିଥିବା ବେଳେ ଏଥିପାଇଁ ତାଙ୍କୁ ବିଭିନ୍ନ ବର୍ଗରୁ ଶୁଭେଚ୍ଛାର ସୁଅ ଛୁଟିଛି।

### ଅଙ୍ଗନୱାଡି କର୍ମୀଙ୍କ ପରଲୋକ

ଜୁନାଗଡ,୧୬।୧୧(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମେରିଆବନ୍ଧଲି ପଞ୍ଚାୟତ ଚଅଁରାବାଡି କେନ୍ଦ୍ରର ଅଙ୍ଗନୱାଡି କର୍ମୀ ଡାଲିମ୍ବ ଗୁଆ (୫୭)ଙ୍କ ମଙ୍ଗଳବାର ହଠାତ୍ ପରଲୋକ ହୋଇଯାଇଛି। ଅଙ୍ଗନୱାଡି କେନ୍ଦ୍ରରେ କାର୍ଯ୍ୟ କରୁଥିବାବେଳେ ଡାଲିମ୍ବ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ସ୍ଥାନୀୟ ଲୋକେ ଓ ସହାୟିକାଙ୍କ ସହାୟତାରେ ତାଙ୍କୁ ଜୁନାଗଡ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଦେଶ ଗଠନରେ ଗଣମାଧ୍ୟମର ଭୂମିକା ଉପରେ ଆଲୋଚନା

ଭବାନୀପାଟଣା,୧୬।୧୧(ସ୍ୱ.ପ୍ର.)



ଭବାନୀପାଟଣାଠାରେ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସରେ ଉପସ୍ଥିତ ଅତିଥି।

**ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ**

କଳାହାଣ୍ଡି ଜିଲାର ବିଭିନ୍ନ ସ୍ଥାନରେ ବୁଧବାର ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲା ପ୍ରଶାସନ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଖବରଦାତା ଉମାଶଙ୍କର କର, ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ପୌରଧ୍ୟକ୍ଷା ସଂଯୁକ୍ତା ବେହେରା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଜୟ କୁମାର ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ଦେଶ ଗଠନରେ ଗଣମାଧମର ଭୂମିକା ଶୀର୍ଷକ ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ଜିଲା ଲୋକ ସୂଚନା ଅଧିକାରୀ ମନୋଜ କୁମାର ବେହେରା ପରିଚାଳନା କରିଥିଲେ। ବରିଷ୍ଠ ଖବରଦାତା ଶାନ୍ତନୁ ବେହେରା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ହାଇସ୍କୁଲ ଓ କଲେଜସ୍ତରୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ସେହିପରି ମ. ରାମପୁରସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ଜିଲା ସାମ୍ବାଦିକ ୟୁନିୟନ(ଓୟୁଜେ) ପକ୍ଷରୁ ଆୟୋଜିତ ପ୍ରେସ ଦିବସରେ ଜିଲା ସଭାପତି କମ୍ବୁପାଣି ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ଅତିଥି ଭାବେ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ସିଂଦେଓ, ଜିଲା ଲୋକ ସୂଚନା ଅଧିକାରୀ ମନୋଜ କୁମାର ବେହେରା, ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲ, ବରିଷ୍ଠ ଖବରଦାତା ବିଜୟ ଦ୍ୱିବେଦୀ, କାର୍ଯ୍ୟାକାରୀ ସଭାପତି ବିରଞ୍ଚି ନାରାୟଣ ଜାଲ, ସାଧାରଣ ସମ୍ପାଦକ ସନ୍ତୋଷ ସିଂଦେଓ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସ୍ଥାନୀୟ ଯୁବ ସାମ୍ବାଦିକ ହେମନ୍ତ ସାହୁଙ୍କୁ ମହମ୍ମଦ ଅସଲମ ସ୍ମୃତି ସମ୍ମାନ ଓ କୋକସରା ଧରିତ୍ରୀ ପ୍ରତିନିଧି ଦୁଷ୍ମନ୍ତ ପଟ୍ଟଯୋଷୀଙ୍କୁ ଯୁବ ସାମ୍ବାଦିକ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ସାମ୍ବାଦିକରୁ ରାଜନୈତିକ କ୍ଷେତ୍ରରେ ସଫଳ ହୋଇଥିବା ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲ ଓ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଭବାନୀପାଟଣାରେ ଓଡିଶା ସାମ୍ବାଦିକ ସଂଘ (ଓଜେୟୁ) କଳାହାଣ୍ଡି ଶାଖା ପକ୍ଷରୁ ଆୟୋଜିତ ଜାତୀୟ ପ୍ରେସ ଦିବସରେ ଜିଲା ସଭାପତି ନିରୋଜ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ପୌରଧ୍ୟକ୍ଷା ସଂଯୁକ୍ତା ବେହେରା, ସ୍ୱତନ୍ତ୍ର ଅତିଥି ଭାବେ ଡ. ଭବାନୀ ଶଙ୍କର ନିଆଲ, ମୁଖ୍ୟବକ୍ତା ବରିଷ୍ଠ ଖବରଦାତା ଦେବେନ୍ଦ୍ର କୁମାର ବିଷି, ସମ୍ମାନିତ ଅତିଥି ଭାବେ ଶାନ୍ତନୁ କୁମାର ବେହେରା, ସାଧାରଣ ସମ୍ପାଦକ ଲକ୍ଷ୍ମଣ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଜିଲାର ୫ଜଣ ବରିଷ୍ଠ ଖବରଦାତାଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ କେସିଙ୍ଗା ଧରିତ୍ରୀ ପ୍ରତିନିଧି ତୁମେଶ୍ୱର ସାହୁ, କର୍ଲାମୁଣ୍ଡା ପ୍ରଦୀପ ସାହୁଙ୍କ ସମେତ ଖବରଦାତା ଦୀପକ କୁମାର ଠାକୁର, ପ୍ରାଣ ରଞ୍ଜନ ବେହେରା, ନରୋତ୍ତମ ସେଲମାଙ୍କୁ ସମ୍ମାନିତ କରାଯାଇଥିଲା।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଜନଶୁଣାଣି

ଖଡ଼ିଆଳ,୧୬।୧୧(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ଏନ୍‌ଏସିସ୍ଥିତ କଲ୍ୟାଣ ମଣ୍ଡପ ୨ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସାମାଜିକ ସମୀକ୍ଷା କରିଥିବା ବେଳେ ଜଣଶୁଣାଣି ଅନୁଷ୍ଠିତ ହୋଇଛି। ଜଣଶୁଣାଣିରେ ଏନ୍‌ଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା ଯୋଗଦେଇଥିଲେ। ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, ସହ ଯୋଜନାର ସିଏଲଟିସି ସଦସ୍ୟ ଦେବ ରଞ୍ଜନ ରାଉତ, ୱାର୍ଡ ସଭ୍ୟ ଚନ୍ଦନ ସାହୁ, ସାଗର ଭୋଇ ଯୋଗଦେଇଥିଲେ। ସ୍ୱାଧୀନ ସୁବିଧା ପ୍ରଦାନକାରୀ ସଂସ୍ଥା ଲାଭସ ବିଶେଷଜ୍ଞ ପ୍ରେମାନନ୍ଦ ବେହେରା ଏବଂ ବିଧୁନନ୍ଦନ ଦାଶ ଯୋଗ ଦେଇଥିଲେ। ହିତାଧିକରୀମାନେ ଯୋଗଦେଇ ନିଜ ଆବାସ ଯୋଜନାରେ ଦେଖା ଯାଉଥିବା ସମସ୍ୟା ଉପରେ ଆଲୋକପାତ କରିଥିଲେ। ଜିଓଟେକ ଫଟୋ ନେବାରେ ସମସ୍ୟା, ଟଙ୍କା ଜମାରେ ବିଳମ୍ବ ହେଉଥିବା ବେଳେ ଦରଦାମ ବୃଦ୍ଧି, ଯୋଗୁ ଦୁଇ ଲକ୍ଷ ଟଙ୍କାରେ ସହରାଞ୍ଚଳରେ ଆବାସ ଗୃହ ନିର୍ମାଣ ନେଇ ଅଧିକ ଅର୍ଥ ଆବଶ୍ୟକ ଅଛି ବୋଲି କହିଥିଲେ।

# ସଭାପତି ଭାବେ ଗିରିଶ ଚନ୍ଦ୍ର ବେହେରା ନିର୍ବାଚିତ



ଦଳୀୟ କର୍ମୀଙ୍କ ସହ ବିଜୟୀ ବିସିସିବି ସଭାପତି ଗିରିଶ ଚନ୍ଦ୍ର ବେହେରା।

ଭବାନୀପାଟଣା,୧୬।୧୧(ସ୍ୱ.ପ୍ର.)

**ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ନିର୍ବାଚନ**

**■ଭୋଟ ଦେବାକୁ ଆସିଲେନି ସୁଧାଂଶୁ**

କଳାହାଣ୍ଡି ଜିଲା ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ପାଇଁ ବୁଧବାର ନିର୍ବାଚନ ହୋଇଥିଲା। ଏଥିରେ ସଭାପତି ପାଇଁ ପୂର୍ବରୁ ନାମାଙ୍କନ ଦାଖଲ କରିଥିବା ଗିରିଶ ଚନ୍ଦ୍ର ବେହେରା ୪ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ଏହି ନିର୍ବାଚନରେ ସମୁଦାୟ ୧୫ଟି ଡାଇରେକ୍ଟର ମଧ୍ୟରୁ ୪ଜଣ ମତଦାନ କରିଥିଲେ। ଉକ୍ତ ୪ଟି ଭୋଟ ତାଙ୍କ ସପକ୍ଷରେ ଯାଇଥିଲା। ନୂତନ ସଭାପତି ଭାବେ ନିର୍ବାଚିତ ହେବା ପରେ ଗିରିଶଙ୍କୁ ବିଭିନ୍ନ ବର୍ଗରୁ ଶୁଭେଚ୍ଛା ଜଣାଯିବା ସହ ବିଜେଡି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରକାଶ ଯେ, ଗତ ୯ ତାରିଖରେ ସଭାପତି ପାଇଁ ୨ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ। ଏଥିରେ ବିଜୁ ଜନତା ଦଳର ସମର୍ଥିତ ପ୍ରାର୍ଥୀ ଭାବେ ଗିରିଶ ଚନ୍ଦ୍ର ବେହେରା ଓ ତାଙ୍କ ପ୍ରତିଦ୍ୱନ୍ଦୀ ଭାବେ ଜୁନାଗଡ ପୂର୍ବତନ ନଗରପାଳ ତଥା ବିଜେଡି ନେତା ସୁଧାଂଶୁ ଶେଖର ବରାଡ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଫଳରେ ବିଜେଡି ବନାମ ବିଜେଡି ହୋଇଥିବାରୁ ଦଳ ପାଇଁ ମୁଣ୍ଡ ବ୍ୟାଥା ସୃଷ୍ଟି ହୋଇଥିଲା। ଏପରି କି ୧୦ ତାରିଖ ନାମାଙ୍କନ ପ୍ରତ୍ୟାହାର ରହିଥିବାବେଳେ ଉକ୍ତ ଦିନ ମଧ୍ୟ କେହି ନାମାଙ୍କନ ପ୍ରତ୍ୟାହାର କରି ନ ଥିଲେ। ଫଳରେ ୨ ଦୁହିଁଙ୍କ ମଧ୍ୟରେ ଲଢେଇ ଜୋରଦାର ହେବ ବୋଲି ଜଣାପଡୁଥିଲା। ହେଲେ ବୁଧବାର ନିର୍ବାଚନ ସମୟରେ ସୁଧାଂଶୁ ମତଦାନ କେନ୍ଦ୍ରକୁ ଭୋଟ ଦେବାକୁ ଆସି ନ ଥିଲେ। ଯାହାକି ଚର୍ଚ୍ଚାର ବିଷୟ ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ସମ୍ପ୍ରତି ଉପନିର୍ବାଚନ ପାଇଁ ପଦ୍ମପୁରରେ ଡେରା ପକାଇଥିବା ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଡକରାରେ କିଛିଦିନ ତଳେ ସୁଧାଂଶୁ ବରାଡଙ୍କ ସମର୍ଥକମାନେ ପଦ୍ମପୁରକୁ ଯାଇଥିଲେ। ସେଠାରେ ରୁଦ୍ଧଦ୍ୱାର ବୈଠକରେ କଳାହାଣ୍ଡି ବିସିସିବି ସଭାପତି ନିର୍ବାଚନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଏହାପରେ ଦଳୀୟ ସ୍ୱାର୍ଥ ଦୃଷ୍ଟିରୁ ବିସିସିବି ସଭାପତି ନିର୍ବାଚନରୁ ଓହରିଯିବାକୁ ଦାସ କୁଆଡେ ସଂଧାଂଶୁଙ୍କ ପାଇଁ ପାଇଁ ବାର୍ତ୍ତା ଦେଇଥିବାରୁ ସେ ଏହି ନିର୍ବାଚନରୁ ଓହରିଯାଇଥିବା ଶୁଣିବାକୁ ମିଳିଛି।

## ସୁଧ ଟଙ୍କା ଭାଗବଣ୍ଟାକୁ ନେଇ ଭାଇକୁ ମାରିଲା ଭାଇ

ଖଡ଼ିଆଳ,୧୬।୧୧(ଡି.ଏନ.ଏ.)

ସୁଧ ଟଙ୍କା ଭାଗ ବଣ୍ଟାକୁ ନେଇ ଭାଇକୁ ମାରିଲା ଭାଇ। ମଙ୍ଗଳବାର ବିଳମ୍ବିତ ରାତିରେ ଏଭଳି ଅଭାବନୀୟ ଘଟଣା ଘଟିଛି ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ଭୋଜପୁର ଗ୍ରାମରେ। ମୃତକ ହେଲେ ସାନ ଭାଇ ନକୁଳ ମହାନନ୍ଦ(୩୨)। ବୁଧବାର ସକାଳେ ପୋଲିସ ପହଞ୍ଚି ଅଭିଯୁକ୍ତ ବଡ଼ଭାଇ ସୁରେଶ(୩୫)ଙ୍କୁ ଅଟକ ରଖି ଅଧିକ ପଚରାଉଚରା ଚଳାଇଛି। ସୂଚନାନୁସାରେ ୪ ବର୍ଷ ପୂର୍ବେ ଭୋଜପୁର ଗ୍ରାମର ବୁଢୁ ମହାନନ୍ଦ ଖଡ଼ିଆଳର ରାଜ ଗୋଏଲଙ୍କ ପାଖରେ ଜମି ବିକ୍ରି କରିଥିଲେ। ଏହି ବାବଦରେ ଗତ ୧୩ ତାରିଖରେ ରାଜ ସୁମନ୍ତ ପାଣ୍ଡଙ୍କ ହାତରେ ବୁଢୁଙ୍କ ସ୍ତ୍ରୀ ବାଳମତିଙ୍କୁ ସୁଧ ବାବଦ ୩୫୦୦ ଟଙ୍କା ଦେବା ପାଇଁ ପଠାଇଥିଲେ। ସେହିଦିନ ହିଁ ବୁଢୁଙ୍କ ସାନପୁଅ ନକୁଳ ରାୟପୁରରୁ ଗାଁକୁ ଆସିଥିଲେ। ତାଙ୍କ ମା' ପାଇଁ ଥିବା ଟଙ୍କାରୁ ନିଜ ଖର୍ଚ୍ଚ ଲାଗି ମାଗିଥିଲେ। ମା' ଟଙ୍କା ଦେବା ପାଇଁ ମନା କରିବାରୁ ୨ ଭାଇଙ୍କ ମଧ୍ୟରେ ଝଗଡା ହୋଇଥିଲା। ୨ ଦିନ ପରେ ସେହି ଟଙ୍କା ମାଗିବା ଘଟଣାକୁ ନେଇ ବଚସାହୋଇ ଉଗ୍ରରୁପ ଧାରଣ ହୋଇଥିଲା। ସୁରେଶ ଉତ୍ତ୍ୟକ୍ତ ହୋଇ ନକୁଳଙ୍କ ମୁଣ୍ଡରେ ଠେଙ୍ଗାରେ ଆଘାତ କରିବାରୁ ଅତ୍ୟଧିକ ରକ୍ତସ୍ରାବ ହୋଇ ସେ ଅଚେତ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ନକୁଳଙ୍କୁ ଉଦ୍ଧାର କରି ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ନକୁଳଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଖଡ଼ିଆଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ହତ୍ୟା କରିଥିବା ସୁରେଶଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ମୃତଦେହ ପୋଲିସ ଜବତ କରି ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିଥିବା ଖଡ଼ିଆଳ ଥାନାଧିକାରୀ ଅନିରୁଦ୍ଧ ମୁଦୁଲି ସୂଚନା ଦେଇଛନ୍ତି। ଏ ନେଇ ଖଡ଼ିଆଳ ଥାନାରେ ଏକ ହତ୍ୟା ମାମଲା (ନଂ. ୪୭୧/୨୨) ରୁଜୁ ହୋଇ ଅଧିକ ତଦନ୍ତ ଚାଲୁଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

## ୫-ଟି ସ୍ମାର୍ଟ ସ୍କୁଲ କାର୍ଯ୍ୟ ତଦାରଖ

କୋକସରା,୧୬।୧୧(ଡି.ଏନ.ଏ.)

କଳାହାଣ୍ଡି ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ପାୱାର ସଚିନ ପ୍ରକାଶ କୋକସରା ବ୍ଲକ ଗସ୍ତ କରିଛନ୍ତି। ଏହି ଅବସରରେ ତୃତୀୟ ପର୍ଯ୍ୟାୟରେ ଚାଲୁଥିବା ୫-ଟି ଅନ୍ତର୍ଗତ ସ୍ମାର୍ଟ ସ୍କୁଲ କାର୍ଯ୍ୟ ତଦାରଖ କରିଛନ୍ତି। ବ୍ଲକର ଫୁଫଗାଁ ଧନସରା, ଚିକିଲି, କାଶିବାହାଲ, କାଉଡୋଲା ଉଚ୍ଚ ବିଦ୍ୟାଳୟ ୫-ଟି ଅଧୀନରେ ଜାରି ରହିଥିବା ସ୍ମାର୍ଟ ସ୍କୁଲ ନିର୍ମାଣ କାର୍ଯ୍ୟର ସମୀକ୍ଷା ପରିଦର୍ଶନ କରିବା ସହ ତଦାରଖ କରିଛନ୍ତି। ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ସହ ବିଡିଓ ଉତ୍ତମ କୁମାର ବାଗ, ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ସ୍କୁଲ ପ୍ରଧାନ ଶିକ୍ଷକ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟ, ସଞ୍ଜ ସିଙ୍ଘଲ ପ୍ରମୁଖ ଉପସ୍ଥିତ ରହିଥିଲେ। ପରେ ବ୍ଲକ ସଭାଗୃହରେ ବ୍ଲକ ଅଧିକାରୀ ଓ କର୍ମଚାରୀଙ୍କ ସହ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ।

## ହକ୍ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



ମମତାଙ୍କ ପରିବାରବର୍ଗ ଧାରଣାରେ ବସିଛନ୍ତି।

ନୂଆପଡ଼ା ଅଫିସ,୧୬।୧୧

ଦୀର୍ଘ ୬ ବର୍ଷ ଧରି ନ୍ୟାୟ ଅଧିକାର ପାଇଁ ଲଢେଇ କରୁଥିବା ଓ ସବୁଥିରେ ବିଫଳ ହେବା ପରେ ସଦର ବ୍ଲକ ସାରାବଙ୍ଗ ଗାଁର ମମତା ଦେବାଙ୍ଗନ ପରିବାର ସହ ନୂଆପଡା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ପ୍ରାପ୍ତ ସୂଚନାନୁସାରେ ସଦର ବ୍ଲକ ସାରାବଙ୍ଗ ଗାଁର ମମତା ଦେବାଙ୍ଗନଙ୍କ ସ୍ୱାମୀ ଗିରିଧାରି ଦେବାଙ୍ଗନ ଆବାସ ଯୋଜନାରେ ଘର ପାଇଥିଲେ। ନିଜ ନାମରେ ଥିବା ଘର ଡିହରେ କାର୍ଯ୍ୟ ଆରମ୍ଭ କରିଥିଲେ। ତତ୍କାଳିନ ସରପଞ୍ଚ ଉକ୍ତ ଜାଗାକୁ ତାଙ୍କର ନୁହେଁ ବୋଲି କହି କାମ ବନ୍ଦ କରାଇ ଘର ସମ୍ମୁଖରେ ଏକ କମ୍ୟୁନିଟି ହଲ ନିର୍ମାଣ କରାଇଥିଲେ। ଫଳରେ ମମତାଙ୍କ ଘର ପାଇବା ଆଶା ମଉଳି ଯାଇ କାମ ଅଧୁରା ରହିଯାଇଛି। ସେହିଦିନଠାରୁ ଉକ୍ତ ଜାଗା କାହାର ବୋଲି ଚିହ୍ନଟ କରିବା ପାଇଁ ଜିଲାର ସମସ୍ତ ଅଧିକାରୀଙ୍କୁ ଗୁହାରି କରିବା ସହ ପୋଲିସ ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ। ଘଟଣାକୁ ରୁ ୬ ବର୍ଷ ବିତିଗଲାଣି, କିନ୍ତୁ ଏହାର କୌଣସି ସମାଧାନ ହୋଇପାରୁନାହିଁ। ମମତା ନିଜ ଶ୍ୱଶୁର ଦୟାନିଧି ଓ ଶାଶୁ ଲତାବାଇଙ୍କୁ ନେଇ ଗତ ଅକ୍ଟୋବର ୧୦ରେ ଅତିରିକ୍ତ ଜିଲାପାଳଙ୍କୁ ସାକ୍ଷାତ କରି ଦରଖାସ୍ତ ଦେଇଥିଲେ। ତହସିଲଦାରଙ୍କୁ ଡକାଇ ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ହେଲେ ଆଜି ପର୍ଯ୍ୟନ୍ତ ସଫଳତା ନ ମିଳିବାରୁ ମମତା ପରିବାର ସମସ୍ତ ସଦସ୍ୟଙ୍କୁ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଏ ନେଇ ପ୍ରଶାସନିକ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ୨ ଦିନିଆ ଶିଶୁଦିବସ ସମାରୋହ ଉଦ୍‌ଯାପିତ

ଲାଞ୍ଜିଗଡ଼,୧୬।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡସ୍ଥିତ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟରେ ୧୪ ଓ ୧୫ ତାରିଖ ୨ ଦିନ ଧରି ଚାଲିଥିବା ଶିଶୁଦିବସ ଉଦ୍‌ଯାପିତ ହୋଇଯାଇଛି। ଜବାହରଲାଲ ନେହେରୁଙ୍କ ପ୍ରତିମୂର୍ତ୍ତିରେ ବିଦ୍ୟାଳୟ ଅଧ୍ୟକ୍ଷ ସଦାନନ୍ଦ ହୋତା ପୁଷ୍ପମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମୁଖ୍ୟଅତିଥି ଭାବେ ବେଦାନ୍ତର ଡେପୁଟି ସିଇଓ ଜି.ଜି. ପଲ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ବିଦ୍ୟାର୍ଥୀଙ୍କ ଦ୍ୱାରା ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନ, କଳା ଓ ହସ୍ତକଳାର ଉନ୍ନତମାନ ପ୍ରକଳ୍ପଗୁଡିକ ପ୍ରଦର୍ଶିତ ହୋଇଥିଲା। ମୁଖ୍ୟଅତିଥି ବେଦାନ୍ତର ସିଓଓ ଅନୁରାଗ ତିାରୀ, ସିଏଫଓ ବିକାଶ ବିନାନୀ ଏବଂ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର ଉଦ୍‌ଘାଟନ କରିଥିଲେ। ସମାରୋହରେ ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଏବଂ ଛାତ୍ରୀଛାତ୍ରମାନଙ୍କ ସହଯୋଗ ଓ ସୁପରିଚାଳନାରେ ସମାପନ ହୋଇଥିଲା।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ

ଲାଞ୍ଜିଗଡ,୧୬।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ମଧୁପୁରଠାରେ ଶିଶୁ ମହୋତ୍ସବ ସର୍ଗିଫୁଲ ପାଳିତ ହେଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ, ମୁଖ୍ୟବକ୍ତା ଭାବେ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ମଧୁପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡା. ରାଜେଶ କୁମାର ମହାରଣା, ବ୍ଲକ ମଙ୍ଗଳ ଅଧିକାରୀ ପଙ୍କଜ କୁମାର ବଳିୟାରସିଂହ, ଗୋବର୍ଦ୍ଧନପୁର ସରପଞ୍ଚ ବୈଦେହୀ ମାଝି, ସମିତିସଭ୍ୟା ସୁଚିତ୍ରା ମାଝି, ବାଣିପଙ୍ଗା ସ୍କୁଲ ପ୍ରଧାନ ଶିକ୍ଷକ ବସନ୍ତ କୁମାର ମାଝି, କାଉଗୁଡା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ଦୋରା, ମଧୁପୁର ସେବାଶ୍ରମର ପ୍ରଧାନ ଶିକ୍ଷକ ଗିରିଧାରୀ ବାରିକ, ଲାଞ୍ଜିଗଡ ଏସ୍‌ଏସ୍‌ଡି ହାଇସ୍କୁଲ ପ୍ରଧାନଶିକ୍ଷକ ପାର୍ଥବ ତାଣ୍ଡି ପ୍ରମୁଖ ଯୋଗଦେଇଥିଲେ। ନୃତ୍ୟ ପ୍ରତିଯୋଗିତାର ବିଚାରକ ଭାବେ ପ୍ରମୋଦ ପରିଡା ଓ ଲକ୍ଷ୍ମଣ ବାଗ ଦାୟିତ୍ୱ ତୁଲାଇଥିବାବେଳେ ଅନ୍ୟ ବିଭାଗର ବିଚାରକ ଭାବେ ସିଆରସିସି ତପନ କୁମାର ଭୋଇ, ଶିକ୍ଷକ ନରେନ୍ଦ୍ର ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଦାୟିତ୍ୱ ତୁଲାଇଥିଲେ। ମଧୁପୁର ବାଳିକା ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ବେଦବ୍ୟାସ ପ୍ରଧାନଙ୍କ ଅଧ୍ୟକ୍ଷତାରେ ପ୍ରତିଯୋଗିତାର ବିଭିନ୍ନ ବର୍ଗରେ ୩ଶହରୁ ଅଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଶିକ୍ଷକ ପାର୍ଥ ଶବର ଓ ସୋନାଲିକା ପାଢୀ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଶିକ୍ଷକ ସତ୍ୟବାଦୀ ନାଏକ, ନମିତା ମାଝି, ସସ୍ମିତା ସାହୁ, ଟାମସେନ ଭୋଇ, ପ୍ରେମାନନ୍ଦ ବେଶ୍ରା ପ୍ରମୁଖଙ୍କ ସମେତ ମଧୁପୁର ବାଳିକା ଉଚ୍ଚ ବିଦ୍ୟାଳୟ ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ସହିତ ସମ୍ବର୍ଦ୍ଧିତ କରିଥିଲେ।



ସର୍ଗିଫୁଲ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନେ।

# ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ନିୟମିତ କର

ନୂଆପଡ଼ା ଅଫିସ,୧୬।୧୧



ଦାବିପତ୍ର ଦେବାକୁ ଆସିଥିବା ଜିଲା ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ ସଦସ୍ୟ।

**ଜିଲା ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ ପକ୍ଷରୁ ଦାବିପତ୍ର**

ମୁଖ୍ୟମନ୍ତ୍ରୀ ଚୁକ୍ତିଭିତିକ ପ୍ରଥା ଉଚ୍ଛେଦ କରି ନିୟମିତ ଘୋଷଣା କରିଥିଲେ। ସେଥିରୁ ନୂଆପଡା ଜିଲାର ୫ଟି ବ୍ଲକର ୧୩୧ ପଞ୍ଚାୟତରେ କାର୍ଯ୍ୟରତ ଅସ୍ଥାୟୀ ଚତୁର୍ଥ ଶ୍ରେଣୀ କର୍ମଚାରୀ (ପିଅନ) ଓ ଅନ୍ୟାନ୍ୟ କର୍ମଚାରୀ ଚତୁର୍ଥ ଶ୍ରେଣୀ କର୍ମଚାରୀ ଏଥିରୁ ବାଦ ପଡିଛନ୍ତି। ସେମାନମାନଙ୍କୁ ନିୟମିତ କରିବା ପାଇଁ ବୁଧବାର ଜିଲା ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ହେମାକାନ୍ତ ସାଏଙ୍କ ଜରିଆରେ ୮ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତା ସହିତ ରାଜ୍ୟ ବଜେଟରେ ସ୍ୱତନ୍ତ୍ର ବଜେଟ ରଖିବା ସହ ପଞ୍ଚାୟତିରାଜ ବିଧି ବ୍ୟବସ୍ଥାରେ କର୍ମଚାରୀଙ୍କୁ ସାମିଲ କରି ଇ-ଗଭର୍ଣ୍ଣାନ୍ସ ପୋର୍ଟାଲ ପଞ୍ଚାୟତିରାଜ ବିଭାଗରେ ପଞ୍ଜୀକରଣ କରିବା ଦାବି କରିଛନ୍ତି। ଦୀର୍ଘ ଦିନରୁ କାର୍ଯ୍ୟ କରି ଆସୁଥିଲେ ହେଁ ସରକାର ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଗୁହାରି ଶୁଣୁନାହାନ୍ତି। କମ ପାଉଣାରେ ଦିନ ରାତି କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରିବାରେ ବହୁତ କଷ୍ଟକର ହେଉଛି। ଠିକ ସମୟରେ ପାଉଣା ମଧ୍ୟ ମିଳୁନାହିଁ। ଗ୍ରାମପଞ୍ଚାୟତରେ ରାଜସ୍ୱ ଆୟ ଅନୁସାରେ କର୍ମଚାରୀମାନଙ୍କୁ ପାଉଣା ଦିଆଯାଉଛି। ସମସ୍ତ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଦରମା ସମାନ ରହୁନାହିଁ। ପୂର୍ବରେ ପଞ୍ଚାୟତ ସମ୍ପାଦକଙ୍କ ପାଉଣା ସମାନ ରହିଥିଲା। ସେହିପରି ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପାଉଣା ମଧ୍ୟ ସମାନ କରାଯିବା ସହ ମାସ ପ୍ରଥମ ସପ୍ତାହରେ ପାଉଣା ଦିଆଯାଉ ବୋଲି ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ ଜିଲା ସଭାପତି ନିକୁଞ୍ଜ ବିହାରୀ ମାଝି, ଉପସଭାପତି ଅଖିଳ ଚନ୍ଦ୍ର ବାଗ, ସମ୍ପାଦକ ଦିଲୀପ ଶବର, କୋଷାଧ୍ୟକ୍ଷ ଗଙ୍ଗାଧର ମାଝି, ଜିଲା ସଂଯୋଜକ ଭକ୍ତ ମାଝି, ସହ ସଂଯୋଜକ ଧନିରାମ ଜାଲ, କମଳଲୋଚନ ମାଝି, ମହେନ୍ଦ୍ର ବନଛୋର, ସୀମାଞ୍ଚଳ ବେମାଲ, ଜୋଗେନ୍ଦ୍ର ବେହେରା, ପ୍ରତାପ ମାଝି, ଗୋପ ରାଉତ ପ୍ରମୁଖଙ୍କ ସମେତ ଶତାଧିକ ଚତୁର୍ଥ ଶ୍ରେଣୀ କର୍ମଚାରୀ ସାମିଲ ଥିଲେ।